# ଅସ୍ତିତ୍ୱ ହରାଉଛି ଦେଓଗାଁ ଯୋଗୀସାଗର

ଦେଓଗାଁ, ୧୭।୫(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ରହିଥିବା ଐତିହାସିକ ଯୋଗୀସାଗର ଏକଦା ଦେଓଗାଁର ମୁଖ୍ୟ ପରିଚୟ ସୃଷ୍ଟି କରିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରେ ଦେଓଗାଁ କହିଲେ ଯୋଗୀସାଗରର କଥା ଉଠୁଥିଲା। ୧୩୦ ଏକର ଜମିରେ କାଚକେନ୍ଦୁ ଭଳି ପାଣି ସାଙ୍ଗକୁ ପଦ୍ମଫୁଲ ଓ ପଦ୍ମଫୁଲରେ ସୂର୍ଯ୍ୟଙ୍କ ପ୍ରଥମ କିରଣର ମନୋହର ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରୁଥିଲା। ଯୋଗୀସାଗର ଆଡିବନ୍ଧରେ ଯୋଗେଶ୍ୱର ବାବାଙ୍କ ମନ୍ଦିର ରହିଛି। ଜିଲ୍ଲା ତଥା ଜିଲ୍ଲା ବାହାର ଲୋକ ଦେଓଗାଁକୁ ଆସିଲେ ଯୋଗୀସାଗରରେ ଗାଧୋଇବା ଓ ଯୋଗେଶ୍ୱର ବାବାଙ୍କୁ ଦର୍ଶନ କରିବା ପାଇଁ ବେଶ୍ ଉତ୍ସାହିତ ହେଉଥିଲେ। ଲୋକ ପ୍ରବାଦ ରହିଛି ଏହି ଯୋଗୀସାଗର ମଝିରେ ଗୋଟିଏ ଟାପୁ ରହିଥିଲା। ସେହି ଟାପୁରେ ଜରେ ଯୋଗୀବାବା ରହି ସାଧନା କରୁଥିଲେ। ତାଙ୍କ ସାଧନା ବଳରେ ସେ ପାଣି ଉପରେ ଚାଲିଚାଲି ଗାଁକୁ ଆସୁଥିଲେ। ସାଗରରେ ଏବେ ବି ଅନେକ ପୁରାତନ ପ୍ରସ୍ତରର କଳାକୃତି ରହିଛି। ହନୁମାନ, ବୁଦ୍ଧ, ଚନ୍ଦ୍ର ଆକୃତିର ଅନେକ ପଥର ଖୋଦେଇ କଳାକୃତି ଭଗ୍ନ ଅବସ୍ଥାରେ ରହିଛି। କେତେକ ଗବେଷକଙ୍କ କହିବାନୁସାରେ ଏହି ସାଗର ଐତିହ୍ୟପୂର୍ଣ୍ଣ। ଏହାର ପୁନରୁଦ୍ଧାର ଓ ଗବେଷଣାର ଆବଶ୍ୟକତା ରହିଛି। ଏଣୁ ଏହି ଜଳାଶୟର ବିକାଶ ସାଙ୍ଗକୁ ଏହି ସ୍ଥଳକୁ ସରକାର ଇକୋ ଟୁରିଜମ ପାଇଁ ପଦକ୍ଷେପ ଗ୍ରହଣ କରିବା କଥା। ଏଠିକାର ପାଣି ଦେଓଗାଁ ଓ କଛାରପାଲି ଗାଁର ୧୧ଟି ୱାର୍ଡର ଲୋକଙ୍କ ଉଭୟ ପାନୀୟ ଓ ନିତ୍ୟ ବ୍ୟବହାରରେ ଆସେ; ହେଲେ ଏବେ ଏହି ଯୋଗୀସାଗର ନିଜ ଅସ୍ତିତ୍ୱ ହରାଇ ବିଲୁପ୍ତ ହେବାକୁ ବସିଛି। ପୂର୍ବତନ ରାଜ୍ୟ ସରକାର ୬/୭ ବର୍ଷତଳେ ଯୋଗୀସାଗରର ପୁନରୁଦ୍ଧାର ପାଇଁ ୧କୋଟି ଟଙ୍କା ମଞ୍ଜୁର କରିଥିଲେ; ହେଲେ ସମ୍ପୃକ୍ତ ଠିକାଦାର ଓ କିଛି କୁଚକ୍ରୀଙ୍କ ମଧ୍ୟରେ ସଲାସୁତୁରା ହୋଇ ମାଟି ପୁନରୁଦ୍ଧାର କାମ ଠିକ୍ ରୂପେ ହୋଇପାରିଲା ନାହିଁ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ସିଂହଭାଗ ଅନୁଦାନ ବାଟମାରଣ ହୋଇଗଲା। ଲୋକେ ସବୁ ଦେଖି, ଜାଣି ଚୁପ୍ ରହିଲେ। ଏହାର ପ୍ରତିବାଦ କରିବା ପାଇଁ କେହି ଆଗକୁ ଆସି ଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍କାଳୀନ ବିଧାୟକ ନରସିଂହ ମିଶ୍ର ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଆଣି କାମର ତଦାରଖ କରାଇଥିଲେ; ହେଲେ ଯଥା ପୂର୍ବଂ ତଥା ପରଂ ସଦୃଶ ହୋଇରହିଗଲା। ଏବେ ଏହି ସାଗର ଏକ ପୋଖରୀ ଭଳି ମନେ ହେଉଛି। ଚାରିପଟେ ପଙ୍କ ଓ କାଦୁଅ ଭର୍ତ୍ତି। ଗ୍ରାମବାସୀ ଗାଧୋଇବା ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଏବେ ଦେଓଗାଁ ଓ କଛାରପାଲି ଗାଁର ମହିଳା, ପୁରୁଷ ସମସ୍ତଙ୍କ ଗୋଟିଏ ଦାବି ଯୋଗୀସାଗରର ଉନ୍ନତିକରଣ କରିବା ସହ ଇକୋଟୁରିଜିମ ଭାବେ ଏହାକୁ ଘୋଷଣା କରିବା। ଚଳିତ ମାସରେ ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ଏହି ସାଗରର ପୁନରୁଦ୍ଧାର ଦାବି ଉଠିଛି। ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଗ୍ରାମବାସୀ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବଲାଙ୍ଗିର ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓଙ୍କୁ ତାଙ୍କ ବ୍ଲକ ପ୍ରତିନିଧି ଶଶି ଭୂଷଣ ପାଣିଗ୍ରାହୀ ଓ ସ୍ଥାନୀୟ ମଣ୍ଡଳ ସଭାପତି ଗୌରୀ ଶଙ୍କର ଥନାପତି ଏହି ସାଗରକୁ ଇକୋ ଟୁରିଜମ ଭାବେ ସରକାର ଘୋଷଣା କରିବାକୁ ଦାବି କରିଥିବା ବେଳେ ଏମ୍‌ପି ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିବା ନେତୃମଣ୍ଡଳୀ ସୂଚନା ଦେଇଛନ୍ତି।

## ରାୟପୁରରେ କାନ୍ଥ ପଡ଼ି ଓଡ଼ିଆ ସୁରକ୍ଷା କର୍ମୀଙ୍କ ମୃତ୍ୟୁ

**ଦେଓଗାଁ, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ କଛାରପାଲି ଗାଁ କନ୍ଧପାଲିର ପ୍ରମୋଦ ମେହେର (୪୮)ଙ୍କ ମୃତୁକ୍ୟକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରବିବାର ସନ୍ଧ୍ୟାରେ ଗାଁକୁ ତାଙ୍କ ଶବ ଫେରିଛି। ୯ ମାସ ତଳେ ରାୟପୁରର ଏକ ଘରୋଇ କମ୍ପାନୀରେ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ଶନିବାର ସନ୍ଧ୍ୟାରେ ସେଠାରେ ଝଡତୋଫାନ ବେଳେ କାନ୍ଥ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ, ୨ଝିଅ ଓ ୨ପୁଅ ଭାଙ୍ଗି ପଡ଼ିଛନ୍ତି। ପରିବାରର ଏକମାତ୍ର ସାହାରା ଚାଲିଯିବା ପରେ ଏବେ ଏମାନେ କେମିତି ଚଳିବେ ତାହା ଚିନ୍ତାର ବିଷୟ ହୋଇଛି। ତେବେ ସନ୍ଧ୍ୟାରେ ସ୍ଥାନୀୟ ସୋନଗଡ଼ ନଦୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନ୍ୟପକ୍ଷେ ଗତ



୧୧ତାରିଖରେ ଖପ୍ରାଖୋଲ ଥାନା ଭରୁଆମୁଣ୍ଡା ଗାଁର ଲୋକନାଥ ମାଝୀଙ୍କ ଶବ ଫେରିଥିଲା। ସେହିଭଳି ସାବିତ୍ରୀ ବ୍ରତ ପୂର୍ବ ଦିନ ତୁଷୁରା ଥାନା ଡୁଙ୍ଗୁରୀପାଲି ଗାଁର ବିରେନ୍ଦ୍ର ଛତ୍ରିଆଙ୍କ ଶବ ଗୁଜୁରାଟରୁ ଫେରିଥିଲା। ସେ ଗୁଜୁରାଟର ଲିଜୁରାସ୍ଥିତ ଏକ ମାର୍ବଲ କାରଖାନାରେ କାମ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଳିଯାଇଥିଲେ। ତାଙ୍କ ଘରେ ମଧ୍ୟ ସ୍ତ୍ରୀ ସହ ୨ପୁଅ ଓ ଗୋଟିଏ ଝିଅ ରହିଛନ୍ତି।

## ଘୋରଡ଼ାରେ ଶ୍ରୀମଦ ଭାଗବତ ଅଷ୍ଟପ୍ରହର ନାମଯଜ୍ଞ

**ହରଭଙ୍ଗା, ୧୭।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଘୋରଡ଼ାରେ ଗ୍ରାମବାସୀ ଓ ଗ୍ରାମର ଭାଗବତ ସଂକୀର୍ତ୍ତନ ମଣ୍ଡଳୀ ମିଳିତ ସହଯୋଗରେ ଦ୍ୱିତୀୟ ବାର୍ଷିକ ଶ୍ରୀମଦ ଭାଗବତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଘାଟରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ଗ୍ରାମ ପରିକ୍ରମା କରି ଗ୍ରାମର ମାଁ ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣ ଯଜ୍ଞ ମଣ୍ଡପରେ ଅବସ୍ଥାପିତ କରିଥିଲେ।ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୪ ଦଳ ଭାଗବତ ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତ ନାମ ସଂକୀର୍ତ୍ତନରେ ଯୋଗ ଦେଇଥିଲେ। ଗୌନ୍ତିଆ ବିଷ୍ଣୁ ଚରଣ ଭୋକ୍ତା ସପତ୍ନୀକ କର୍ତ୍ତା ଥିଲେ।

## ଟୀରଡ଼ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପରଲୋକ



**ହରଭଙ୍ଗା, ୧୭।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଟୀରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। କୁମାରୀ ଗ୍ରାମରେ ତାଙ୍କ ଘର। ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଶୋକର ଛାୟା ଖେଳି ଯାଇଛି। ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ବଡ଼ ପୁଅ ମୁଖାଗ୍ନି ଦେଇଥିଲେ।

## ରାସ୍ତା ଉପରେ ପଡ଼ିଲା ଗଛ

**ବୌଦ୍ଧ, ୧୭।୫(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବୁରଗୋରା ଗ୍ରାମ ନିକଟରେ କାଳ ବୈଶାଖୀ ଯୋଗୁଁ ଏକ ଆମ୍ବଗଛ ରାସ୍ତା ଉପରେ ଭାଙ୍ଗି ପଡ଼ିଛି। ଏଥିଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ଗଛକୁ କାଟିବା ପରେ ରାସ୍ତାରେ ଯିବା ଆସିବା ସ୍ୱାଭାବିକ ହୋଇଥିଲା।



## ବଲାଙ୍ଗିରରେ ତୈଳ ଯାଞ୍ଚ

**ବଲାଙ୍ଗିର, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲାରେ ପେଟ୍ରୋଲ ପମ୍ପଗୁଡ଼ିକରେ ଡିଜେଲ ଓ ପେଟ୍ରୋଲ ବିକ୍ରି ନେଇ ଦେଖାଦେଇଥିବା ସଙ୍କଟକୁ ପ୍ରଶାସନିକ ଯାଞ୍ଚ ଆରମ୍ଭ କରାଯାଇଛି। ବିଭାଗୀୟଅଧିକାରୀ ଟାଙ୍କି ପରିଦର୍ଶନ କରି ଷ୍ଟକ ଯାଞ୍ଚ କରିବା ସହ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଲାଙ୍ଗିର ଉପଜିଲ୍ଲାପାଳ, ସଦର ଏସିଏସଓ ଏବଂ ପୁଇଁନ୍ତଲା ଯୋଗାଣ ନିରୀକ୍ଷକ ପ୍ରମୁଖ ବଲାଙ୍ଗିର ସହରର ବିଭିନ୍ନ ପେଟ୍ରୋଲ ପମ୍ପ ପରିଦର୍ଶନ କରି ଇନ୍ଧନର ମହଜୁଦ ସ୍ଥିତି ଏବଂ ବିକ୍ରୟ ପ୍ରକ୍ରିୟାର ସରଜମିନ ଯାଞ୍ଚ କରିଛନ୍ତି। ଶାନ୍ତିପଡ଼ା ପାଣିଗ୍ରାହୀ ଫୁଏଲ୍ସରେ ଯାଞ୍ଚ ସମୟରେ ୪୯୯୫ ଲିଟର ଡିଜେଲ ଏବଂ ୩୬୭୮ ଲିଟର ପେଟ୍ରୋଲ ମହଜୁଦ ରହିଥିବା ଜଣାପଡ଼ିଥିଲା। ଝାରସୁଗୁଡ଼ାରୁ ୮୦୦୦ ଲିଟର ଡିଜେଲ ଏବଂ ୪୦୦୦ ଲିଟର ପେଟ୍ରୋଲ ଆସୁଥିବା ଜଣା ପଡ଼ିଛି। ପଥରଚେପା ସରୋଜିନୀ ଫିଲିଙ୍ଗ ଷ୍ଟେସନରେ ପୂର୍ବରୁ ୨୬୦୦ ଲିଟର ଡିଜେଲ ମହଜୁଦ ଥିଲା। ପରିଦର୍ଶନ ସମୟରେ ଆଉ ୮୦୦୦ ଲିଟର ଡିଜେଲ ଏବଂ ୪୦୦୦ ଲିଟର ପେଟ୍ରୋଲ ଗାଡ଼ିରୁ ଅନଲୋଡ୍ କରାଯାଉଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ସହରରେ ଥିବା ଅନ୍ୟ ସମସ୍ତ ପେଟ୍ରୋଲ ପମ୍ପଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ରହିଛି। ସେଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ସମଗ୍ର ବଲାଙ୍ଗିର ସହରରେ କୌଣସି ପ୍ରକାରର ଇନ୍ଧନ ସଙ୍କଟ କିମ୍ବା ଅଭାବ ନାହିଁ। ଜନସାଧାରଣଙ୍କୁ ଆଦୌ ଆତଙ୍କିତ ନ ହେବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ତେବେ ପ୍ରଶାସନିକ ଚଢ଼ଉ ଓ ଯାଞ୍ଚ ପରେ ବି ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପରେ ନିର୍ଦ୍ଦିଷ୍ଟ ପରିମାଣ ର ପେଟ୍ରୋଲ ଓ ଡିଜେଲ ଦେଉଥିବା ଅଭିଯୋଗ ହୋଇଛି।

## ଇଟାଭାଟିରେ ନାବାଳକ ଶ୍ରମିକଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି, ୧୭।୫(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଅଞ୍ଚଳରେ ଦାଦନର କରୁଣ ଚିତ୍ର ପୁଣି ଥରେ ସାମ୍ନାକୁ ଆସିଛି। ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବା ଜଣେ ନାବାଳକ ଦାଦନ ଶ୍ରମିକଙ୍କ ସେଠାରେ ଟ୍ରାକ୍ଟର ଚାପାରେ ମୃତ୍ୟୁ ଘଟିଛି। ଇଟାଭାଟି ମାଲିକ ଗାଁକୁ ଶବ ପଠାଇବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏଭଳିକି ଟଙ୍କା ଦେଇ ଘଟଣା ରଫାଦଫା କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ଓ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକ ହେଲେ ତୁରେକେଲା ଥାନା ବରିଆଲି ଗାଁର ମକାରୁ ଧରୁଆଙ୍କ ନାବଳକ ପୁଅ। ଗତ ୫ ମାସ ତଳେ ଗାଁ ଓ ଆଖପାଖ ଅଞ୍ଚଳର ଅନ୍ୟ



କିଛି ପରିବାର ସହ ମିଶି ସେ ଦାଦନ ଯାଇଥିଲେ। ତୁରେକେଲା ବ୍ଲକ ଗଭରା ଗାଁର ଜଣେ ଦାଦନ ସର୍ଦ୍ଦାର ସେମାନଙ୍କୁ ଆଗୁଆ ବଇନା ଦେଇ ଇଟାଭାଟିକୁ ପଠାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ମୃତ୍ୟୁ ପରେ ସ୍ଥାନୀୟ ପ୍ରଶାସନ ବା ପୁଲିସକୁ ନ ଜଣାଇ ଇଟାଭାଟି ମାଲିକ ନିଜେ ଶବ ଧରି ଗାଁକୁ ଆସିଥିଲେ। ଏଭଳିକି ସତ୍କାର କରି ଦେଇଥିଲେ।

## କାର୍‌ରୁ ବିପୁଳ ଗଞ୍ଜେଇ ଜବତ, ୨ ମାଫିଆ ଗିରଫ

**ଶଗଡ଼ା, ୧୭।୫(ସମିସ):** ମନମୁଣ୍ଡା ପୁଲିସ ଏକ କାର (ଓଡି ୦୨ ଆର ୦୧୪୪)ରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମନମୁଣ୍ଡା ଥାନା ଅଞ୍ଚଳର ଦିବାକର କହଁର ଓ ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ଅଞ୍ଚଳର ଯୋଗେଶ ସେଠୀ ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉଭୟ ମନମୁଣ୍ଡା ଓ ଶଗଡ଼ା ଫାଣ୍ଡି ପୁଲିସ ମିଳିତ ଭାବେ ବିଳାସପୁର ମେହେରୁଣୀ ପୋଲ ନିକଟରେ ଚଢ଼ଉ କରିଥିଲା।



## ଡକାୟତି ଯୋଜନା ପଣ୍ଡ, ୪ ସନ୍ଦିଗ୍ଧ ଗିରଫ

## ମାରଣାସ୍ତ୍ର ସହ ୪ ବାଇକ ଓ ୬ ମୋବାଇଲ ଜବତ



**ବୌଦ୍ଧ, ୧୭।୫(ସମିସ):** ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବା ସମୟରେ କଣ୍ଟାମାଳ ପୁଲିସ ପଣ୍ଡ କରିଛି। କଣ୍ଟାମାଳ ଥାନା ଶୁଳିଆ ଗ୍ରାମର ଶୁଳିଆ ପାହାଡ଼ ନିକଟରୁ ୪ ସନ୍ଦିଗ୍ଧ ଯୁବକଙ୍କୁ ପୁଲିସ ଗିରଫ କରିଛି। ଏ ନେଇ ବୌଦ୍ଧ ଜିଲା ମନମୁଣ୍ଡା ଥାନା ସାନମନମୁଣ୍ଡା ଗ୍ରାମର ବିଶିକେସନ ବାଘ, ବାଘମୁଣ୍ଡା ଗ୍ରାମର ଆଲୋକ ଦଳବେହେରା, ପିପିଲିପାଲି ଗ୍ରାମର ଭୁବନ ଥପା, ଟାଙ୍ଗିଆପାଲି ଗ୍ରାମର ଧରଣୀ ମହାକୁଡ଼ଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୪ଟି ବାଇକ, ୬ଟି ମୋବାଇଲ୍, ଗୋଟିଏ ଛୁରା, ଲୁହା ଛଡ଼, ଲୁହା ପାଇପ୍, ଦଉଡ଼ି, ମଦ, ସିଗାରେଟ ଆଦି ଜବତ ହୋଇଛି। ଅନ୍ୟପକ୍ଷରେ ପିପିଲିପାଲି ଗ୍ରାମର ସୁବ୍ରତ ପ୍ରଧାନ ଓ ବଘିଆବାହାଲ୍ ଗ୍ରାମର ପୂର୍ଣଚନ୍ଦ୍ର କ୍ଷେତି ଫେରାର ହୋଇ ଯାଇଥିବା ବୌଦ୍ଧ ଏସ୍‌ପି ରାହୁଲ୍ ଗୋୟଲ ସୂଚନା ଦେଇଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ମ୍ୟାପ୍ ଗୋଟିଏ, କାମ ଆଉ ଗୋଟିଏ

**କଣ୍ଟାବାଞ୍ଜି, ୧୭।୫(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କମେଇମୁଣ୍ଡା ଅଞ୍ଚଳରେ ଜଙ୍ଗଲ ଜମିକୁ ହଡ଼ପ କରି ଏକ ବଡ଼ଧରଣର ବେଆଇନ ରାସ୍ତା ନିର୍ମାଣ ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ସରକାରୀ ନିୟମକୁ ବେଖାତିର କରି ଏବଂ ମାନଚିତ୍ରକୁ ବଦଳାଇ ଏହି ରାସ୍ତା ତିଆରି କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ



ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ତଦାରଖ ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିବାରେ ଲାଗିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିନା ଅନୁମତି ଓ କୌଣସି ଟେଣ୍ଡର ପ୍ରକ୍ରିୟା ବିନା ପ୍ରାୟ ୫ କୋଟି ଟଙ୍କାର ଏହି କାର୍ଯ୍ୟ ଚାଲିଛି ବୋଲି ଟିଟିଲାଗଡ଼ ଉପଖଣ୍ଡ ସ୍ତରୀୟ ବନବାସୀ କମିଟି ସଦସ୍ୟ ଗିରିରାଜ ସିଂ ମାଝୀ ଅଭିଯୋଗ ଆଣିଛନ୍ତି। ସରକାରୀ ନିୟମ ଅନୁସାରେ ଏତେ ବଡ଼ ଅର୍ଥରାଶିର ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯିବା ବାଧ୍ୟତାମୂଳକ। ଏଠାରେ କେଉଁ ଆଧାରରେ କାମ ଚାଲିଛି ତାହା ଏବେ ବଡ଼ ପ୍ରଶ୍ନ। ସରକାରୀ ଗାଇଡଲାଇନର ମ୍ୟାପ୍‌ରେ ରାସ୍ତାର ଗତିପଥ ଅଲଗା ସ୍ଥାନରେ ଥିବା ବେଳେ ବାସ୍ତବରେ ଅନ୍ୟ ଏକ ରୁଟ୍ ଦେଇ ଜଙ୍ଗଲ ଜମି ଭିତରେ ରାସ୍ତା ନିର୍ମାଣ କରାଯାଉଛି। ଏହି ଜଙ୍ଗଲ ଭିତରେ ରାସ୍ତା ହେଲେ ପରିବେଶ ନଷ୍ଟ ହେବା ସହ ଗ୍ରାମବାସୀଙ୍କୁ ବ୍ୟାପକ ହଇରାଣ ହେବାକୁ ପଡ଼ିବ। ତେବେ ଜନସାଧାରଣଙ୍କ ସ୍ୱାର୍ଥକୁ ପଛରେ ପକାଇ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏହି ବେଆଇନ କାର୍ଯ୍ୟ ଚାଲିଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜଣେ ନେତାଙ୍କ ଛତ୍ରଛାୟା ତଳେ ଥିବା ଜଣେ ପ୍ରଭାବଶାଳୀ ଠିକାଦାର ଏହି କାମ କରୁଛନ୍ତି। ରାଜନୈତିକ ଚାପ ଯୋଗୁଁ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ଏହା ବିରୋଧରେ କୌଣସି ପଦକ୍ଷେପ ନେଉନାହିଁ। ଏପରିକି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରେଞ୍ଜରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ମୁହଁ ଖୋଲୁ ନାହାନ୍ତି, ଯାହା ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ଥିବା ଆଶଙ୍କାକୁ ଅଧିକ ଦୃଢ଼ କରୁଛି।

## ଆନ୍ଦୋଳନ ପାଇଁ ବିଜୟାନନ୍ଦ ଚିନିକଲ କର୍ମଚାରୀଙ୍କ ପ୍ରସ୍ତୁତି

**ବଲାଙ୍ଗିର, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲିରେ ଥିବା ଚିନିକଲ ବନ୍ଦ ହେବା ଦିନଠାରୁ କାମ କରୁଥିବା ଅନେକ କର୍ମଚାରୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। କାମ କରୁଥିବା କର୍ମଚାରୀଙ୍କୁ ଦରମା ନ ଦେଇ ସମବାୟ ବିଭାଗ ଚିନିକଲକୁ ବନ୍ଦ ଘୋଷଣା କରିଦେଇଥିଲେ; ଫଳରେ ପ୍ରାୟ ୩ ମାସର ଦରମା ନ ପାଇ କର୍ମଚାରୀ ନିରାଶ ହୋଇଥଲେ। କେବଳ ଚିନିକଲ ପୁନଃ କାର୍ଯ୍ୟକ୍ଷମ ହେବା ଆଶା ହିଁ କର୍ମଚାରୀଙ୍କୁ ଦରମା ଦାବିରୁ ଦୂରେଇ ରଖିଥିଲା; କିନ୍ତୁ କିଛି ଦିନ ପୂର୍ବରୁ ବଲାଙ୍ଗିରରେ ନୂତନ ଚିନିକଲ ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଏବେ ପୂର୍ବତନ କର୍ମଚାରୀମାନେ ନିଜ ପାଉଣା ଦାବି କରିଛନ୍ତି। ବକେୟା ପାଉଣା ନ ମିଳିଲେ ଅନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି।

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲିଠାରେ ଥିବା ଚିନିକଲ ବଲାଙ୍ଗିର ଜିଲ୍ଲା ଅର୍ଥନୀତିକୁ ସୁଦୃଢ କରିଥିଲା। ବହୁ କର୍ମଚାରୀ, ଶ୍ରମିକ ଏହି ମିଲ୍‌ରେ ନିୟୋଜିତ ହୋଇ ପରିବାର ଚଳାଉଥିଲେ। ୨୦୧୪ରୁ ଏହି ଚିନିକଲକୁ ବନ୍ଦ କରିଦିଆଯାଇଥିଲା। ପ୍ରଥମେ କ୍ଷତି ଓ ପରେ ଆର୍ଥିକ ଅନିୟମିତତା କାରଣରୁ ଏହି ମିଲ୍ ବନ୍ଦ ହୋଇଥଲା। ପୁଣି ଥରେ ଆରମ୍ଭ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଥିଲେ। ଏହା ବିଗତ ନିର୍ବାଚନ ସମୟରେ ନିର୍ବାଚନୀ ପ୍ରସଙ୍ଗ ମଧ୍ୟ ପାଲଟିଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଚିନିକଲ ଆରମ୍ଭ ହୋଇପାରିନାହିଁ। ତଥାପି ସେହି ଚିନିକଲରେ କାର୍ଯ୍ୟ କରୁଥିବା ଶ୍ରମିକ ୩ ମାସର ପାଉଣା ପାଇ ନ ଥିଲେ ମଧ୍ୟ ପୁଣି ଥରେ ଚିନିକଲ ଆରମ୍ଭ ହେଲେ ଅନ୍ତତଃ ଆଉ ଥରେ ନିୟୋଜିତ ହେବେ ବୋଲି ଆଶା କରିଥିଲେ; କିନ୍ତୁ କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗିର ଗସ୍ତରେ ଆସି ଜିଲ୍ଲାରେ ଏକ ନୂତନ ଚିନିକଲ ପ୍ରତିଷ୍ଠା ହେବା ନେଇ ଘୋଷଣା କରିଥିଲେ। ଅର୍ଥାତ ଦେଓଗାଁ ଚିନିକଲକୁ କୌଣସି ମତେ ପୁନଃଆରମ୍ଭ କରିବାର ଆଶା ନ ଥିବା ବେଳେ ବିଗତ ଦଶନ୍ଧି ଧରି ଅପେକ୍ଷା ରହିଥିବା କର୍ମଚାରୀ ଶେଷରେ ନିରାଶ ହୋଇଛନ୍ତି। ଆଉ ଥରେ ଚିନିକଲରେ କାମ କରିବା କିମ୍ବା ପରିବାର ଚଳାଇବାର ଆଶା ନ ଥିବା ପୂର୍ବତନ କର୍ମଚାରୀ ସଂଘ ଅଭିଯୋଗ କରିଛି। ତେବେ ମିଲ୍ ବନ୍ଦ ହେବା ସମୟରେ ବିନା ଦରମାରେ ପୂର୍ବତନ କର୍ମଚାରୀମାନେ ୩ ମାସ ଧରି କାମ କରିଥିବା ବେଳେ ସମବାୟ ବିଭାଗ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦରମା ଦେଇ ନ ଥିବା ଅଭିଯୋଗ କରିଛନ୍ତି। ତେବେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମସ୍ତ କର୍ମଚାରୀଙ୍କ ବକେୟା ପଡ଼ିଥିବା ୩ ମାସର ଦରମା ପ୍ରଦାନ କରିବାକୁ ପୂର୍ବତନ କର୍ମଚାରୀ ସଂଘ ଦାବି କରିଛି। ଯଦି ଏହା ଶୀଘ୍ର ପ୍ରଦାନ କରା ନ ଯାଏ ତେବେ ଆଗାମୀ ଦିନରେ ସଂଘ ଅନ୍ଦେଳନ କରିବାକୁ ଚେତାବନୀ ଦେଇଛି। ଏନେଇ ରବିବାର ପୂର୍ବତନ ସଂଘ ପକ୍ଷରୁ ଏକ ବୈଠକରେ ଆଲୋଚନା କରାଯାଇଛି।

## ପାଣ୍ଡେଲ ସ୍କୁଲ କୋଠା କାମ ନିମ୍ନମାନର

**ଦେଓଗାଁ, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ପାଣ୍ଡେଲ ଗାଁରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀକୋଠା ନିର୍ମାଣ ଅତିନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କୋଠା ନିର୍ମାଣର କେତେକ ସ୍ଥାନରେ ବାଲି ବଦଳରେ ମୋରମ ବ୍ୟବହାର ହୋଇଥିବା ନଜରକୁ ଆସିଛି। ସ୍ଥାନୀୟ ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ଏନେଇ ଅଭିଯୋଗ କଲେ ମଧ୍ୟ ସେ କର୍ଣ୍ଣପାତ କରୁ ନ ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ବାଲି ସିମେଣ୍ଟ, ଗେଟି ବ୍ୟବହାର ସ୍ଥାନରେ ଠିକାଦାର କେମିତି



ମୋରମ ବ୍ୟହାର କଲେ ଏବଂ ତାହା ବିଭାଗୀୟ ଯନ୍ତ୍ରୀ ଜାଣିପାରୁନାହାନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ସୂଚନାଫଳକ ଅନୁସାରେ ଅତିରିକ୍ତ ଶ୍ରେଣୀକୋଠା ନିର୍ମାଣ ପାଇଁ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ସମ୍ପୃକ୍ତ ଠିକାଦାର ଯୋଗିନ୍ଦ୍ର କୁଅଁର ବୋଲି ଦର୍ଶାଯାଇଥିବା ବେଳେ ଏହି କାମକୁ କିନ୍ତୁ ଜଣେ ପେଟି ଠିକାଦାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ଆରମ୍ଭରୁ ସିମେଣ୍ଟରେ ପାଣି ବ୍ୟବହାର ହେଉ ନ ଥିବାରୁ କୋଠରୀର ଅନେକ ସ୍ଥାନରେ ଫାଟ ଦେଖା ଦେଲାଣି। କୋଠା ତଳେ ଯଦି ମୋରମ ବ୍ୟବହାର ହୋଇଛି ଏବଂ ଆବଶ୍ୟକ ପାଣି ବ୍ୟବହାର ନ କରିବା ସହ ନିମ୍ନମାନର ସିମେଣ୍ଟ ବ୍ୟବହାର କରି କାମ କରାଯାଏ ତାହା ହେଲେ କୋଠାର ସ୍ଥାୟିତ୍ୱ କେମିତି ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ପଚାରିବାରୁ ଏଦିଗରେ ବିଭାଗୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କାମରେ ଲାଗୁନି ଓଭର୍‌ହେଡ୍ ଟ୍ୟାଙ୍କ

ତରଭା, ୧୭।୫(ସମିସ)

ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତସ୍ତରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଉଛି; ହେଲେ ଏହି ପ୍ରକଳ୍ପଗୁଡିକ କେଉଁଠି ଅଧପନ୍ତରିଆ ହୋଇ ପଡ଼ିଛି ତ କେଉଁଠି ଅଚଳ ହୋଇ ପଡ଼ିଛି। କେଉଁଠି ପୁଣି ତିନି ଚାରି ଦିନରେ ଥରେ ଜଳ ଯୋଗାଣ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତରଭା ବ୍ଲକ କମସରା ପଞ୍ଚାୟତ ଅଧୀନ ସାଗରପାଲି ଗ୍ରାମରେ। ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ଏହି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେଠାରେ ଏକ ବୋରିଙ୍ଗ ଖୋଳାଯାଇଛି। ଓଭରହେଡ ପାଣିଟାଙ୍କିକୁ ଜଳ ଚଢ଼ାଯାଇ ଯୋଗାଇବା ବ୍ୟବସ୍ଥା ରହିଛି; ହେଲେ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସାଗରପାଲି ଗ୍ରାମରେ ଗୋଟିଏ ୱାର୍ଡ। ଏଠାରେ ୬୬ ପରିବାରରେ ୨୫୪ରୁ ଅଧିକ ଲୋକ ବସବାସ କରନ୍ତି। ଦୀର୍ଘ ୩ ବର୍ଷ ହେବ ବସୁଧା ଯୋଜନାରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଏହି ଗ୍ରାମରେ ୪ଟି ନଳକୂପ ରହିଛି; ହେଲେ ଗୋଧୋଇବା ପାଇଁ ଗାଁରେ କୌଣସି ବନ୍ଧ ବା ପୋଖରୀ ନ ଥିବାରୁ ଗ୍ରାମବାସୀ ବହୁତ ଡହକ ବିକଳ ହେବା ସହ ନଳକୂପ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏ ବାବଦରେ ପଞ୍ଚାୟତ



ତରଫରୁ ୨୦୨୩ ଅକ୍ଟୋବର ୧୬ରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିରରେ ୱାର୍ଡସଭ୍ୟା ପଦ୍ମିନୀ କୁଅଁର ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ତରଭା ବ୍ଲକ ଗ୍ରାମ୍ୟ ପାନୀୟ ଜଳଯୋଗଣ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଟିମ୍‌ସି ଫେରିଯାଇଥିଲେ। ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହି ଗ୍ରାମର ନଳକୂପରେ ଫ୍ଲୋରାଇଡ଼ ପାଣି ବାହାରୁ ଥିବାରୁ କିଛି କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ସହ କିଛି ଲୋକ ଅଣ୍ଟା ଅଙ୍କାବଙ୍କା ହୋଇ ରୋଗଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରତି ବର୍ଷ ଏହି ସମସ୍ୟା ଦେଖାଯାଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ ବୋଲି ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ସମ୍ପାଦିକା ଆହୁତି କୁମ୍ଭାର ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଏସ୍‌ଡିଓ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ଆସନ୍ତା କାଲି ଟିମ ପଠାଇ ପାଣି ଯୋଗାଣର ବ୍ୟବସ୍ଥା କରିବେ। ଏହାସହ ପାଣିର ନମୁନା ସଂଗ୍ରହ କରି ଟେଷ୍ଟ କରାଯିବ ବୋଲି କହିଥିଲେ।

**ଇବ୍ ନଦୀ ପାଣିକୁ ନେଇ ପ୍ରଶାସନ-ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା**

# ଓଡ଼ିଶା ମେଟାଲିକ୍ କମ୍ପାନୀର ପାଣି ପମ୍ପକୁ ଜଗି ବସିଛନ୍ତି ଗ୍ରାମବାସୀ

**ଝାରସୁଗୁଡ଼ା, ୧୭।୫(ସମିସ)**



ଇବ୍‌ନଦୀ ନଦୀର ପାଣିକୁ ନେଇ ଗ୍ରାମବାସୀ-ପ୍ରଶାସନ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଇବ୍ ନଦୀରୁ ଓଡ଼ିଶା ମେଟାଲିକ୍ସ କମ୍ପାନୀ ଦ୍ୱାରା ଜଳ ଉଠାଣକୁ ନେଇ ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଟା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଓଡ଼ିଶା ମେଟାଲିକ୍ କମ୍ପାନୀର ପାଣି ପମ୍ପକୁ ଏବେ ଗ୍ରାମବାସୀ ଜଗିବସିଛନ୍ତି। ଆଜି କମ୍ପାନୀ ପାଇଁ ପାଣି ଛାଡିବାକୁ ପ୍ରଶାସନିକ ଅଧିକାରୀ ନଦୀ ନିକଟକୁ ଯାଇଥିବା ବେଳେ ଗ୍ରାମବାସୀ ପ୍ରଥମେ ସାଧାରଣ ଜନତା ଓ ଜୀବଜନ୍ତୁଙ୍କ ଅଧିକାର ରହିଛି, ଶିଳ୍ପ ସଂସ୍ଥାର ନୁହେଁ ବୋଲି କହି କମ୍ପାନୀକୁ ପାଣି ଛାଡିବାକୁ ମନା କରିଦେଇଥିଲେ। ପ୍ରଥମେ ଗ୍ରାମବାସୀଙ୍କ ଦାବି ପୂରଣ କର, ତା'ପରେ ପାଣି ଛାଡିବୁ ବୋଲି କହି ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଅଧିକାରୀଙ୍କୁ ସେଠାରୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା। ସୂଚନାନୁଯାୟୀ, ମରାକୁଟା ଠାରେ ଥିବା ଓଡ଼ିଶା ମେଟାଲିକ୍ସ କମ୍ପାନୀ ଇବ୍ ନଦୀରୁ ଅତ୍ୟଧିକ ଜଳ ଉଠାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଜଳାଭାବ ଦେଖାଦେଇଥିଲା। ଏହାକୁ ନେଇ ପୂର୍ବରୁ ଗ୍ରାମବାସୀମାନେ ଧାରଣା ଦେଇଥିଲେ। ସେହି ସମୟରେ କମ୍ପାନୀ କର୍ତ୍ତୃପକ୍ଷ ୭୨ ଘଣ୍ଟା ମଧ୍ୟରେ ଦାବିଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ ଗ୍ରାମବାସୀମାନେ ଏକାଠି ହୋଇ ନଦୀ କୂଳରେ ଥିବା କମ୍ପାନୀର ପାଣି ପମ୍ପକୁ ଜଗି ରହିଛନ୍ତି। ରବିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର, ଏସଡିପିଓ ଉମାଶଙ୍କର ସିଂ ଏବଂ ସଦର ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ପ୍ରମୁଖ ଇବ୍ ନଦୀ କୂଳକୁ ଯାଇଥିଲେ। ସେମାନେ କମ୍ପାନୀର ପମ୍ପ ଚଲାଇବା ପାଇଁ ଜଗି ରହିଥିବା ଲୋକଙ୍କୁ ପାଣି ଛାଡ଼ିବାକୁ କହିଥିଲେ। ମାତ୍ର ସେଠାରେ ଉପସ୍ଥିତ ଥିବା ମରାକୁଟା, ଜମେରା, ଏଚ. କଣ୍ଟାପାଲି ଏବଂ ବ୍ରଜରାଜନଗର ପୌର ପରିଷଦର କିଛି କାଉନସିଲରଙ୍କ ସମେତ ଶତାଧିକ ଗ୍ରାମବାସୀ ଏହାକୁ ସିଧାସଳଖ ମନା କରିଦେଇଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ କମ୍ପାନୀକୁ ଟୋପାଏ ହେଲେ ପାଣି ଦିଆଯିବ ନାହିଁ ବୋଲି ଜନପ୍ରତିନିଧି ଓ ଗ୍ରାମବାସୀ ଅଡ଼ି ବସିଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ ନିରାଶ ହୋଇଫେରିଯାଇଥିଲେ। ଲୋକ ମୁକ୍ତି ସଙ୍ଗଠନର ପ୍ରମୁଖ ନେତା ଅନନ୍ତ ପଣ୍ଡା ରବିବାର ଅପରାହ୍ନରେ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଓଡ଼ିଶା ମେଟାଲିକ୍ସ ଜଳ ଆଇନ ୧୯୭୪ର ଜଳ ଚୁକ୍ତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଦୁର୍ଭାଗ୍ୟର ବିଷୟ ଜିଲ୍ଲା ପ୍ରଶାସନ ୫୦ଟି ଗ୍ରାମର ଜଳକଷ୍ଟ ପ୍ରତି ଦୃଷ୍ଟି ନଦେଇ, କେବଳ ପୁଞ୍ଜିପତି କମ୍ପାନୀର ସୁବିଧା ପାଇଁ କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଥିଲେ। ଅନ୍ୟପଟେ, ବୁର୍ଲା ମୁଖ୍ୟ ବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଚିଠି ସଂଖ୍ୟା ୫୩୫୩/୨୬ ର ଧାରା-୧୩ ଅନୁଯାୟୀ ଅଣ-ମୌସୁମୀ କିମ୍ବା ଜଳାଭାବ ସମୟରେ କୌଣସି ଶିଳ୍ପ ସଂସ୍ଥା ଅଧିକାର ଗତ ଭାବେ ନଦୀରୁ ଜଳ ଦାବି କରିପାରିବେ ନାହିଁ। ଏହି ସମୟ ପାଇଁ କମ୍ପାନୀକୁ ନିଜସ୍ୱ ଜମିରେ ଜଳ ସଂରକ୍ଷଣ ବ୍ୟବସ୍ଥା କରିବାକୁ ହେବ ବୋଲି ଚିଠିରେ ସ୍ପଷ୍ଟ ଉଲ୍ଲେଖ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର କହିଛନ୍ତି, ବୁର୍ଲା ଡ୍ୟାମ ବିଭାଗ କମ୍ପାନୀକୁ ପାଣି ସମ୍ପୂର୍ଣ୍ଣ ବନ୍ଦ କରିବାକୁ କହିନାହାନ୍ତି, ମାତ୍ର ନଦୀରେ ଜଳ ସ୍ରୋତ କମ୍ ଥିଲେ କମ୍ପାନୀ ପାଣି ନେଇପାରିବ ନାହିଁ ବୋଲି ନିୟମ ଅଛି। ଓଡ଼ିଶା ମେଟାଲିକ୍ସ ଏକ ପାୱାର ପ୍ଲାଣ୍ଟ ସଂଯୋଜିତ କମ୍ପାନୀ ହୋଇଥିବାରୁ ପାଣି ଅଭାବରେ କାରଖାନା ବନ୍ଦ ହେବାର ଆଶଙ୍କା ରହିଛି। ତେଣୁ ଆମେ ଗ୍ରାମବାସୀ ଓ ଜନପ୍ରତିନିଧିଙ୍କୁ ବୁଝାଇବାକୁ ଯାଇଥିଲୁ, ମାତ୍ର ସେମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି ବୋଲି କହିଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଜଳ କଷ୍ଟରୁ ନ ବଞ୍ଚାଇ ଏକ କମ୍ପାନୀ ପ୍ରତି ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ଏତେ ଦରଦ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

- ବୁଝାଇବାକୁ ଯାଇ ନିରାଶ ହୋଇ ଫେରିଲେ ପ୍ରଶାସନିକ ଅଧିକାରୀ
- ପ୍ରଥମେ ଦାବି ପୂରଣ କର, ପରେ କମ୍ପାନୀକୁ ପାଣି ଛାଡ଼ିବୁ: ଗ୍ରାମବାସୀ

**ଗୋ-ଚାଲାଣ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟଣା**

## ଫେରାର ୨ ଅଭିଯୁକ୍ତ ଗିରଫ



**ଝାରସୁଗୁଡା, ୧୭।୫(ସମିସ):** ଗୋବିନ୍ଦପୁର ଟୋଲଗେଟ ନିକଟରେ ବେଆଇନ ଗୋ-ଚାଲାଣ ବେଳେ ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ରେଙ୍ଗାଲି ଥାନା ପୁଲିସ ଆଜି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସୁନ୍ଦରଗଡ଼ କୁତ୍ରା ଥାନା ଖପ୍ରାଡୋଳିର ମହମ୍ମଦ ଫାରୁକ ଖାନ(୪୫) ଓ ଜିଷନ ରାଜା ଓରଫ ଛୋଟୁ। ସୂଚନାନୁଯାୟୀ ଗତ ସେପ୍ଟେମ୍ବର ୧୧ ତାରିଖ ଭୋର ସକାଳ ପ୍ରାୟ ତିନିଟା ସମୟରେ ଏକ ସ୍କୋର୍ପିଓ ପିକ୍‌ଅପ୍ (ଓଆର-୦୯-ଜେ ୬୪୭୧) ଗାଡ଼ିରେ ୬ ଗୋଟି ଗାଇ ବେଆଇନ ଚାଲାଣ ହେଉଥିଲା। ଗାଡ଼ିଟି ରାଇଗଡ଼ ପଟରୁ ଲଖନପୁର ପଟକୁ ଦ୍ରୁତ ଗତିରେ ଯାଉଥିଲା। ରେଙ୍ଗାଲି ଥାନା ଗୋବିନ୍ଦପୁର ଟୋଲଗେଟ ନିକଟରେ ଟୋଲଗେଟର ଜଣେ କର୍ମଚାରୀ ପରସାଁଆ ଗ୍ରାମର ଅନୀଲ କୁମାର ପଟେଲଙ୍କୁ ଗାଡିଟି ଧକ୍କା ଦେଇ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଉଭୟ ଡ୍ରାଇଭର ଓ ସହଯୋଗୀ ଫେରାର ମାରିଥିଲେ। ପୁଲିସ ଗାଡି ଓ ଗାଇମାନଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ରେଙ୍ଗାଲି ଥାନା ପୁଲିସ ବିଭିନ୍ନ ପ୍ରମାଣ ଏବଂ ସିସିଟିଭି ଓ ସାଇବର ସେଲ୍‌ଫ ଝାରସୁଗୁଡା ସହାୟତାରେ ଦୁର୍ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବେଆଇନ କାର୍ଯ୍ୟ ସହିତ ବେଆଇନ ଗୋଚାଲାଣ ରୋକିବା ଦିଗରେ ରେଙ୍ଗାଲି ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ରେଙ୍ଗାଲି ଭାରପ୍ରାପ୍ତ ଥାନା ଅଧିକାରୀ ସମରେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୧୭।୫(ସମିସ):** ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା କନଷ୍ଟ୍ରକ୍ସନ କଲୋନୀ ନିବାସୀ ପ୍ରାଣକୃଷ୍ଣ ନାୟକଙ୍କ ପୁଅ ସତ୍ୟମ ଶେଖର ନାୟକ(୨୦) ଆଜି ରାତିରେ ନିଜ ଦେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆତ୍ମହତ୍ୟାର କାରଣ ଖୋଜୁଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ୨୪ରେ ଓଡ଼ିଶା ଆସୁଛନ୍ତି ସାଂସଦ ସଞ୍ଜୟ ସିଂ



**ବରଗଡ଼, ୧୭।୫(ସମିସ):** ଆସନ୍ତା ୨୪ ତାରିଖ ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଆମ୍ ଆଦମୀ ପାର୍ଟି ସକ୍ରିୟ ଭାବେ ଲଢ଼ିବାକୁ ଯାଉଥିବାରୁ ଏହାର ପ୍ରସ୍ତୁତି ସଭାରେ ଯୋଗ ଦେବେ ସଞ୍ଜୟ ସିଂ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସଂଗଠନ ସମ୍ପାଦକ ଭବାନୀ ସାହୁ। ବରଗଡ଼ ପାର୍ଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ସ୍ୱରୂପ କୁମାର ଭୋଇ ଓ ଲିଗାଲ ସେଲର ସଂଯୋଜକ ମୋଇନ ମହମ୍ମଦ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବୃଦ୍ଧି ହେଉ କି ନିଟ୍ ପ୍ରଶ୍ନ ପତ୍ର ଲିକ୍ ଘଟଣା ହେଉ ବିଜେପି ସରକାର ଫେଲ ହୋଇଛନ୍ତି। ଓଡ଼ିଶାରେ ବିଜେପିର ଡବଲ ଇଂଜିନ ସରକାର କ୍ଷମତାକୁ ଆସିବା ପରେ ମୋଦୀ ଦେଇଥିବା ଗ୍ୟାରେଣ୍ଟି ସବୁ ଫେଲ ମାରିଛି। ଯେଉଁଥିରେ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା, ୩୦୦ ୟୁନିଟ ବିଜୁଳି ଫ୍ରି, ଚିଟ ଫଣ୍ଡ ଟଙ୍କା ଫେରସ୍ତ ଭଳି ପ୍ରତିଶ୍ରୁତି ଥିଲା, ଯାହାକୁ ନେଇ ଲୋକଙ୍କ ମନରେ ନିରାଶା ରହିଛି। ତେଣୁ ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ରୋଜଗାର, ମହିଳା ସୁରକ୍ଷାକୁ ନେଇ କେବଳ ଆମ୍ ଆଦମୀ ପାର୍ଟି ଉପରେ ଲୋକଙ୍କ ବିଶ୍ୱାସ ରହିଛି ବୋଲି ଶ୍ରୀ ସାହୁ କହିଛନ୍ତି। ତେଣୁ ନୂଆ ଓ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସମସ୍ତେ ଏହି ଅଭିଯାନରେ ଯୋଗ ଦିଅନ୍ତୁ ଓ ଆପ୍ ସହ ଯୋଡି ହୁଅନ୍ତୁ ବୋଲି ଶ୍ରୀ ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

**ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ସଭାରେ ଯୋଗଦେବେ**

## ଶାରଳା ପରିବାର ପକ୍ଷରୁ ଦହି ସର୍ବତ ଓ ପାନୀୟ ଜଳ ବଣ୍ଟନ



**ରାଉରକେଲା, ୧୭।୫(ସମିସ):** ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଶାରଳା ପରିବାର ପକ୍ଷରୁ ସ୍ଥାନୀୟ ଆମ୍ରାଗାନ ଛକଠାରେ ଶାରଳା ପରିବାରର ସଭାପତି ପ୍ରଭାତ କିଶୋର ସ୍ୱାଇଁ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ଓ କୋଷାଧ୍ୟକ୍ଷ ବାଇଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗ୍ରୀଷ୍ମ ପ୍ରବାହରୁ ଓ ଅଂଶୁଘାତର ମୁକାବିଲା କରିବା ପାଇଁ ପଥଚାରୀଙ୍କୁ ଦହି ସର୍ବତ ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଓ ଅନ୍ୟତମ ଅତିଥି ବିମଳ କୁମାର ବିଶି ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀ ତନ୍ତୀ ଶାରଳା ପରିବାରର ଏପରି ଜନହିତକର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗାମୀ ମଇ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ସେକ୍ଟର -୨, ଦୁର୍ଗାପୂଜା ପଡ଼ିଆରେ ଆରମ୍ଭ ହେବାକୁ ଥିବା ଶ୍ରୀ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ବତିଶି ବେଶ ଦର୍ଶନ ମହୋତ୍ସବ ସହିତ ପଞ୍ଚ ଦିବସୀୟ ବିଷ୍ଣୁ ମହାଯଜ୍ଞ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଶାରଳା ପରିବାରର ସଭ୍ୟା ଓ ସଭ୍ୟଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଫୁଲ୍ଲ କୁମାର ଭୋଇ, ପ୍ରକାଶ ଚନ୍ଦ୍ର ପତି, କେଦାର ପ୍ରସାଦ ଦାସ, ସୁଶାନ୍ତ ରାଉତ, ପ୍ରଶାନ୍ତ ତରାଇ, ରବୀନ୍ଦ୍ର କୁମାର ପାତ୍ର, ସୁଧାଂଶୁ ସୁତାର, ବୃନ୍ଦାବତୀ ରାଜଗନ୍ଧା, ପ୍ରମିଳା ପତି, ପ୍ରମିଳା ଦାସ, ମୀନାକ୍ଷୀ ମିଶ୍ର, ସବିତା ପ୍ରଧାନ, ସ୍ମୃତିରେଖା ସାହୁ, ସୌଦାମିନୀ ବେହେରା, ରାଜେଶ୍ୱର ନାୟକ, ପ୍ରଦୀପ କୁମାର ବେହେରା, ଦାମୋଦର ଦାସ, ଜ୍ୟୋତିର୍ମୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପଥଚାରୀଙ୍କୁ ଦହି ସର୍ବତ ଓ ଶୀତଳ ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ପାଦକ ଶ୍ରୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣ ସମାଜ ତରଫରୁ ଗୌରୀଶଙ୍କର ତ୍ରିପାଠୀ ମେଧା ସମ୍ମାନ



**ପଦ୍ମପୁର, ୧୭।୫(ସମିସ):** ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନଠାରେ ଚତୁର୍ଥ ଗୌରୀଶଙ୍କର ତ୍ରିପାଠୀ ମେଧା ସମ୍ମାନ ସୁଶ୍ରୀ ଅପର୍ଣ୍ଣା ଦେବତାଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ସମ୍ମାନ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ନଗଦ ରାଶି, ମାନପତ୍ର, ଉପଢୌକନ ତଥା ପୁଷ୍ପମାଲ୍ୟ ଦେଇ ଭବିଷ୍ୟତରେ ଶିକ୍ଷା କ୍ଷେତ୍ରରେ ଆହୁରି ଉନ୍ନତି କରିବା ସଙ୍ଗେ ସଙ୍ଗେ ମନୋବଳ ବଢ଼ାଇବା ସକାଶେ ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ସମାଜର ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ପାଦକ ସଦାନନ୍ଦ ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜ୍ୟୋତ୍ସ୍ନାରାଣୀ କର ମାନପତ୍ର ପଠନ କରିଥିଲେ। ଡାକ୍ତର ପ୍ରଭାତ ନାରାୟଣ ତ୍ରିପାଠୀ ଉତ୍ତରୀୟ ଓ ସତ୍ୟନାରାୟଣ ତ୍ରିପାଠୀ ନଗଦ ରାଶି ପ୍ରଦାନ କରିଥିଲେ। ମନୋଜ କୁମାର ପଣ୍ଡାଙ୍କ ଦ୍ୱାରା ପରିଚାଳିତ ସଭାରେ ପଣ୍ଡିତ ଅତ୍ରାହିଭଞ୍ଜନ ପାଣିଗ୍ରାହୀ, ପଣ୍ଡିତ ରଘୁନାଥ ତ୍ରିପାଠୀ, ଭାସ୍କର ଦାଶ, ତ୍ରିବିକ୍ରମ ପାଣିଗ୍ରାହୀ, ଦିବ୍ୟ କିଶୋର ପଣ୍ଡା, ମେଜର ଚିତ୍ତରଞ୍ଜନ ଦାଶ, ତୃପ୍ତିମୟୀ ଦାଶ, ସନ୍ତୋଷିନି ରଥ, ପ୍ରକାଶ କୁମାର ଦାଶ, ବୁଦ୍ଧଦେବ ପାଣିଗ୍ରାହୀ, ରୀନା ତ୍ରିପାଠୀ, ନବକୃଷ୍ଣ ଦେବତା, ଆଲୋକ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବାଞ୍ଛାନିଧି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୧୭.୧୭୦ କେଜି ଗଞ୍ଜେଇ ଜବତ; ୨ ଗିରଫ



**ଝାରସୁଗୁଡ଼ା, ୧୭।୫(ସମିସ):** ଝାରସୁଗୁଡା ଜିଲ୍ଲାରେ ଚାଲିଥିବା 'ନିଶା ମୁକ୍ତ ଅଭିଯାନ'ରେ ବେଲପାହାଡ଼ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଝାରସୁଗୁଡ଼ା ଜିଲ୍ଲାରେ ନିଶା ମୁକ୍ତି ନେଇ ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ବେଲପାହାଡ଼ ଥାନା ପୋଲିସ ପକ୍ଷରୁ ରବିବାର ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶନିବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବେଲପାହାଡ଼ ଥାନା ପୁଲିସ ବେଲପାହାଡ଼ ରେଲ ଷ୍ଟେସନ ନିକଟରେ ଚଢ଼ଉ କରାଯାଇ ୨ ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ୧୭.୧୭୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅଞ୍ଚଳର ଲକ୍ଷ୍ମୀ ସେଠି(୪୦) ଓ ଟାଙ୍ଗି ଥାନା ଅଞ୍ଚଳର ମୁନା ସେଠି ଓରଫ ଗୁରେଇ ହୋଇଥିବା ନେଇ ପୋଲିସ ତରଫରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ନିକଟରୁ ୧୭.୧୭୦ କେଜି ଗଞ୍ଜେଇ ସମେତ ୪୦୪୦ ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଥିବା ନେଇ ବେଲପାହାଡ଼ ଥାନା ପୋଲିସ ତରଫରୁ ସୂଚନା ଦିଆଯାଇଛି।

## ୨୦ରେ ବନ୍ଦ ରହିବ ଜିଲ୍ଲାର ସମସ୍ତ ଔଷଧ ଦୋକାନ

**ଦେବଗଡ଼, ୧୭।୫(ସମିସ):** ସର୍ବଭାରତୀୟ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘର ଆହ୍ୱାନ କ୍ରମେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘର ଡାକରାରେ ଦେବଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘ ପକ୍ଷରୁ ଏକାଧିକ ଦାବି ନେଇ ଆସନ୍ତା ମଇ ୨୦ ତାରିଖ ଦିନ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିବା ନେଇ ଜିଲ୍ଲା ସଙ୍ଘ ପକ୍ଷରୁ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି। ଔଷଧର ଅନ୍ ଲାଇନ ବିକ୍ରୟ ବନ୍ଦ, କର୍ପୋରେଟ ସଂସ୍ଥା ଦ୍ୱାରା ଗଭୀର ରିହାତି ବନ୍ଦ କରିବା ଓ ବଜାରରୁ ନକଲି ଔଷଧ ଏଡାଇବା ଆଦି ଦାବି ନେଇ ସର୍ବଭାରତୀୟସ୍ତରର ବନ୍ଦ ଡାକରାକୁ ସମର୍ଥନ କରି ଜିଲ୍ଲା ଔଷଧ ଦୋକାନୀ ସଙ୍ଘ ପକ୍ଷରୁ ମଇ ୨୦ ତାରିଖ ଦିନ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରହିବ। ତେବେ ଜରୁରୀକାଳୀନ କ୍ଷେତ୍ରରେ ଏହା କୋହଳ କରାଯିବା ନେଇ ଜିଲ୍ଲା ସଙ୍ଘ ନିଷ୍ପତ୍ତି ନେଇଛି ବୋଲି ଦେବଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଙ୍ଘ ସଭାପତି ମୋତିଲାଲ ଶର୍ମା ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି।

## ପୂର୍ବତନ ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନଙ୍କ ପରଲୋକ



**ବରଗଡ଼, ୧୭।୫(ସମିସ):** ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ସଞ୍ଜୟ ପ୍ରଧାନଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶନିବାର ରାୟପୁର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ସ୍ୱର୍ଗତ ପ୍ରଧାନ ଗୋବିନ୍ଦପୁର ପଞ୍ଚାୟତ ବଗେଇବିରା ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଦୀର୍ଘ ଦିନ ଧରି ୱାର୍ଡ ମେମ୍ବର ରହିବା ସହିତ ନାଏବ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ଖବର ପାଇ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ଜମୁର୍ଦା ସରପଞ୍ଚ ପଦ୍ମ ଲୋଚନ ମଲ୍ଲିକ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବଗେଇବିରା ଗ୍ରାମରେ ପହଞ୍ଚି ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୀରା ନଦୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଥିଲା। ତାଙ୍କ ଧର୍ମ ପତ୍ନୀ ଓ ଦୁଇ ପୁଅ ଟୁନା ରାମ ପ୍ରଧାନ ଓ ଯୁଧିଷ୍ଠିର ପ୍ରଧାନ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ବଡ ପୁଅ ଯୁଧିଷ୍ଠିର ମୁଖାଗ୍ନି ଦେଇଥିଲେ।

**ପ୍ରଥମ ଅଖିଳ ଭାରତୀୟ ସୁଧୀର ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

# ସେମିରେ ସୂରଜ ଏକାଦଶ, ଆଫ୍ରିକୀୟ ଏକାଦଶ

**ବରଗଡ଼, ୧୭।୫(ସମିସ)**



ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ବରଗଡ଼ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଆୟୋଜିତ ସୁଧୀର ସ୍ମାରକୀ ଫ୍ଲଡ୍ ଲାଇଟ୍ ନାଇଟ୍ ଅଖିଳ ଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଫୁଲବାଣୀ ସୂରଜ ଏକାଦଶ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଫୁଲବାଣୀ ଏକାଦଶ ଓ ଅମିତ୍ ବ୍ରଦର୍ସ ବଙ୍ଗୋମୁଣ୍ଡା ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚ୍‌ରେ ଫୁଲବାଣୀ ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଫୁଲବାଣୀ ଦଳ ପକ୍ଷରୁ ୧୨ ନମ୍ବର ଖେଳାଳି ସୁନୀଲ ସୋରେନ ଓ ୧୪ ନମ୍ବର ବିଦେଶୀ ଖେଳାଳୀ ଲୋଗୋ ବେଇ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପ୍ରଥମ ମ୍ୟାଚ୍‌କୁ ଫାଓ ରେଫରୀ ସୁବ୍ରତ ପୁରୋହିତ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍ ରେ ଜିତେନ୍ଦ୍ର ପାତ୍ର ଓ ପଞ୍ଚାନନ ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶୁଭମ୍ ପାତ୍ର। ମ୍ୟାଚ୍ କମିଶନର ଅଛନ୍ତି ଫାଓ ରେଫରୀ ମୁଖ୍ୟ ଦୁର୍ଗା ମାଧବ ନାୟକ। ମ୍ୟାଚ୍ ଏସେସର ଅଛନ୍ତି ସୁରେଶ ଦାଶ। ମ୍ୟାଚ୍ ପରେ ୟୁନାଇଟେଡ ସ୍ପୋର୍ଟସ କ୍ଲବର ସଭାପତି ପ୍ରେମନାଥ ଗିରିଙ୍କ ସଭାପତିତ୍ୱ ଓ କ୍ରିଡ଼ା ସଂଗଠକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଅତିଥି ଭାବରେ ଯୋଗଦେଇ ସୂରଜ ଏକାଦଶ ଫୁଲବାଣୀର ଖେଳାଳି ସୁନୀଲ ସୋରେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ଭାବରେ ପୁରସ୍କୃତ କରିଥିଲେ। ସେହିଭଳି ମ୍ୟାଚ୍‌ର ପ୍ରଥମ ଗୋଲ ସ୍କୋର କରିଥିବା ବଙ୍ଗୋମୁଣ୍ଡା ଦଳର ବେତାଲ ଲେଖାୱାଙ୍କୁ ମିଶ୍ର ସ୍ପୋର୍ଟିଙ୍ଗ ପକ୍ଷରୁ ଶ୍ରଦ୍ଧା ରଞ୍ଜନ ମିଶ୍ର ଏକ ଜର୍ସି ଉପହାର ଦେଇଥିଲେ। ଆଜିର ପ୍ରଥମ ମ୍ୟାଚ୍‌କୁ ଆଜି ଅତିଥି ଭାବରେ ପ୍ରାକ୍ତନ ଫୁଟବଲ୍ ଖେଳାଳୀ କମଲ ଲୋଚନ ନାୟକ, ଗଙ୍ଗା ମଲ୍ଲିକ, ନାରଦ ସାହୁ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଡ୍ରିମ୍ ଏକାଦଶ ବରଗଡ଼ ଓ ଆଫ୍ରିକୀୟ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଟି ୦-୦ ମଧ୍ୟରେ ଅମୀମାଂସିତ ରହିବାରୁ ଟାଇବ୍ରେକର ଆଶ୍ରୟ ନିଆଯାଇଥିଲା। ଏଥିରେ ଆଫ୍ରିକୀୟ ଏକାଦଶ ୫-୪ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳର ଶ୍ରେଷ୍ଠ ଖେଳାଳୀ ଭାବରେ ବରଗଡ଼ ଡ୍ରିମ୍ ଏକାଦଶର ମହେଶ ମଲ୍ଲିକଙ୍କୁ ଶ୍ରଦ୍ଧା ରଞ୍ଜନ ମିଶ୍ର, ଅମିୟ ଶର୍ମା, ଅକ୍ଷୟ ଯୋଶୀ, ମୋହନ ନାଗ, ସନିପଲ୍ ନାୟକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳକୁ ଶିବ ଶଙ୍କର ପଣ୍ଡା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଶଶିକାନ୍ତ ଦାସିଆ ଓ ରୋଶନ ଖାନ୍ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପ୍ରଶାନ୍ତ ବେହେରା।

## ରାଜଗାଙ୍ଗପୁରରେ କାଳବୈଶାଖୀର ତାଣ୍ଡବ

# ଗଛ ପଡ଼ି ଭାଙ୍ଗିଲା ଘର, ଉଡ଼ିଗଲା ଆଜବେଷ୍ଟସ୍; ୨ ଆହତ

ରାଉରକେଲା, ୧୭।୫(ସମିସ)

ରାଜଗାଙ୍ଗପୁରରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଝଡ ବର୍ଷାରେ ବହୁ ଗଛ ଭାଙ୍ଗି ଯିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଗଛ ପଡ଼ି ଏକ ଘର ଭାଙ୍ଗି ଯିବା ସହ ଘରର ଆଜବେଷ୍ଟସ ଉଡିଯାଇଥିବା ସୂଚନା ମିଳିଛି। ଏଥିରେ ୨ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଶନିବାର ମଧ୍ୟ ରାତ୍ରିରେ ରାଜଗାଙ୍ଗପୁର ସହରରେ କାଳବୈଶାଖୀର ପ୍ରଭାବରେ ପ୍ରବଳ ପବନ ବହିବା ସହିତ ବିଜୁଳି ଘଡ଼ଘଡି ଓ ବର୍ଷା ହୋଇଥିଲା। ଯାହା ଫଳରେ ରାଜଗାଙ୍ଗପୁର ଏବଂ ଏହାର ଆଖପାଖରେ ଅନେକ ଗଛ ଉପୁଡି ପଡ଼ିଥିବା ନେଇ ସୂଚନା ରହିଛି। ବିଶେଷ କରି ରାଜଗାଙ୍ଗପୁର ପୌର ପାଳିକା ଅନ୍ତର୍ଗତ ୱାର୍ଡ ନଂ ୭ ଅନ୍ତର୍ଗତ ସିଂଘାପଡ଼ାରେ ଏକ ଶିମିଳି ଗଛ ଉପୁଡି ପୁରନ ବାରାଙ୍କ ଆଜବେଷ୍ଟ ଘର ଉପରେ ପଡ଼ିଥିଲା। ଏହି ସମୟରେ ଘରେ ଶୋଇଥିବା ଦୁଇ ଭଉଣୀ ରିମା ବାରା(୧୯) ଏବଂ ମାନସୀ ବାରା(୧୭) ଆହତ ହୋଇଥିଲେ। ଉଭୟ ଆହତଙ୍କୁ ତୁରନ୍ତ ସ୍ଥାନୀୟ ସିଏଚସିରେ ଚିକିତ୍ସା କରାଯାଇଛି। ସେହିପରି ଉକ୍ତ ଗ୍ରାମର ସୁନିଲ ଟପ୍ପୋଙ୍କ ଘର ଆଜବେଷ୍ଟସ୍ ପବନ ବେଗରେ ଉଡିଯାଇଥିଲା। ସୁନିଲ ଟପ୍ପୋ ସାମନ୍ୟ ଆହତ ହୋଇଛନ୍ତି। ସେହି ଗ୍ରାମର ଅନିଲ ଟପ୍ପୋ ଟେଣ୍ଟ ସାମଗ୍ରୀ ରଖିବାକୁ କରିଥିବା ଶେଡ୍‌ର ଟିଣ ଛପର କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ସକାଳୁ ଟାଉନ୍ କଂଗ୍ରେସ ସଭାପତି ଦେବ ରଞ୍ଜନ ବିନୋଦ ଓ ସ୍ଥାନୀୟ କାଉନସିଲର ଗୋବର୍ଦ୍ଧନ ତନ୍ତୀ ପ୍ରଭାବିତଙ୍କୁ ଭେଟିଛନ୍ତି। କାଳବୈଶାଖୀ ଯୋଗୁଁ ପ୍ରଭାବିତ ପରିବାର ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।



**ରାତି ସାରା ବିଦ୍ୟୁତ ସରବରାହ ଠପ୍**

## ଛିଡ଼ିଲା ୩୩ କେଭି ବିଦ୍ୟୁତ୍ ତାର; ଅନ୍ଧାରରେ ଅନେକ ଗାଁ

**ବଣାଇଁ, ୧୭।୫(ସମିସ):** କାଳବୈଖାଖୀରେ ୩୩ କେଭି ତାର ଛିଣ୍ଡିବା ଯୋଗୁଁ ବଣାଇଁ ସହର ସମେତ ଆଖପାଖ ଅଞ୍ଚଳ ଏବେ ଅନ୍ଧାରରେ ରହିଛି। କେଉଁଠି ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି ତ ଆଉ କେଉଁଠି ମୋବାଇଲରେ ଚାର୍ଜ ନାହିଁ। ପେଟ୍ରୋଲ ସମସ୍ୟା ପରେ ବଣାଇଁରେ ବିଦ୍ୟୁତ୍ ସମସ୍ୟା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରି ଦେଇଛି। ଗତକାଲି ବିଳମ୍ବିତ ରାତିରେ ହଠାତ୍ କାଳବୈଶାଖୀ ବର୍ଷା ମାଡ଼ି ଆସିଥିଲା। ଘଡ଼ଘଡ଼ି ସହ ଜୋରରେ ପବନ ବହିବା ସହିତ ପ୍ରବଳ ବର୍ଷା ହୋଇଥିଲା। ଏହି କାଳବୈଶାଖୀ ବର୍ଷାରେ ପୁରୁଣାପାଣି ଗ୍ରୀଡରୁ ବ୍ରାହ୍ମଣୀ ନଦୀ ଦେଇ ବଣାଇଁ ସବ୍‌ଷ୍ଟେସନକୁ ଆସିଥିବା ୩୩ କେଭି ବିଦ୍ୟୁତ ତାର ନଦୀ କୂଳରେ ଥିବା ବଡ଼ ଟାୱାର ଉପରୁ ଛିଣ୍ଡି ଯାଇଥିଲା। ଫଳରେ ଶନିବାର ରାତି ୧୨ଟା ପରଠାରୁ ଆଜି ଦିନ ତମାମ ବଣାଇଁ ସହର ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ନଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମୋଟର ନ ଚାଲିବାରୁ ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଯାହା ଫଳରେ ଲୋକେ ଗରା ବାଲଟି ଧରି ବିଭିନ୍ନ ନଳକୂପରୁ ପାଣି ବୋହିବାକୁ ବାଧ ହୋଇଥିଲେ। ଏପରିକି ଅଧିକାଂଶ ଲୋକଙ୍କର ମୋବାଇଲ ମଧ୍ୟ ଚାର୍ଜ ନଥିବାରୁ ବନ୍ଦ ହୋଇ ରହିଥିଲା। ପାଣି ଅଭାବରୁ ଲୋକେ ଗୋଧୋଇବା ପାଇଁ ପୋଖରୀ ଓ ନଦୀ କୁ ଧାଇଁ ଥିଲେ। ଦିନ ତମାମ ଗରମ୍ ଗୁଳିଗୁଳି ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ବିଦ୍ୟୁତ୍ କର୍ମଚାରୀ ଆସି ତାର ଯୋଡ଼ିବା ସହ ବିଦ୍ୟୁତ୍ ସ୍ୱାଭାବିକ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ସମଗ୍ର ବଣାଇଁ ଅଞ୍ଚଳ ଅନ୍ଧାରରେ ରହିଥିଲା।



## ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ମୃତ

**ବଣାଇଁ, ୧୭।୫(ସମିସ):** ବଣାଇଁଗଡ଼ ଜଙ୍ଗଲ ବିଭାଗ ନର୍ସରୀ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ଗଭୀର ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଅଞ୍ଚଳର ଆଶିଷ କୁମାର ପ୍ରଧାନ (୨୯)। ସୂଚନାନୁଯାୟୀ, ଆଶିଷ ତାଙ୍କ ବଣାଇଁଗଡ଼ସ୍ଥ ମାମୁଁ ଘରକୁ ବୁଲିବା ପାଇଁ ଆସିଥିଲେ। ଶନିବାର ସମଗ୍ର ବଣାଇଁ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ଥିବାରୁ ଘରେ ପାଣିର ଅଭାବ ଦେଖାଦେଇଥିଲା। ଏହି କାରଣରୁ ଦିନ ପ୍ରାୟ୨ଟା ସମୟରେ ଆଶିଷ ତାଙ୍କ ଭାଇ ଓ ପୁତୁରାଙ୍କ ସହ ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତାବଶତଃ ଆଶିଷ ନଦୀର ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କ ଭାଇ ତୁରନ୍ତ ଉଦ୍ଧାର ପାଇଁ ପାଣିକୁ ଯାଇଥିଲେ ମଧ୍ୟ ସେ ଆଶିଷଙ୍କୁ ବଞ୍ଚାଇ ପାରିନଥିଲେ। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୪ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଆଶିଷଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ବଣାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।



## ଯୋଗାଣ ଅଧିକାରୀଙ୍କ ପେଟ୍ରୋଲ ପମ୍ପ ଯାଞ୍ଚ୍

**ବଣାଇଁ, ୧୭।୫(ସମିସ):** ଗତ କିଛି ଦିନ ହେବ ବଣାଇଁ ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ତେଲ ସମସ୍ୟା ଦେଖାଦେଇଛି। କେତେକ ପମ୍ପ ତେଲ ଅଭାବରୁ ବନ୍ଦ୍ ପଡ଼ି ରହିଛି। ଯେଉଁ ପମ୍ପରେ ତେଲ ରହିଛି ସେଠାରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ ତେଲ ଅଭାବ ନଥିବା କହୁଥିଲେ ମଧ୍ୟ ବାସ୍ତବରେ ତେଲ ଠିକ୍ ସମୟରେ ଯୋଗାଣ ହୋଇ ପାରୁନାହିଁ। ତେଲ ଅଭାବକୁ ଦୃଷ୍ଟିରେ ରଖି କେତେକ ଗ୍ରାହକ ଆବଶ୍ୟକତା ଠାରୁ ଅଧିକ ତେଲ ଗାଡ଼ିରେ ପକାଇବା ଫଳରେ ଏ ସମସ୍ୟା ସୃଷ୍ଟି ହେଉଛି ବୋଲି ତେଲ ଟାଙ୍କିର କର୍ମଚାରୀ ମତ ଦେଇଛନ୍ତି। ଏବେ ତୈଳ ସଙ୍କଟ ଜାରି ରହିଥିବା ବେଳେ ଆଜି ବଣାଇଁ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନେ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ସହ ପେଟ୍ରୋଲ, ଡିଜେଲ୍‌ର ଷ୍ଟକ୍ ଯାଞ୍ଚ କରିବା ସହ ଲୋକମାନଙ୍କୁ କିପରି ସୁବିଧାରେ ତେଲ ବିତରଣ କରାଯାଇ ପାରିବ ସେ ବାବଦରେ ଟାଙ୍କି ମାଲିକଙ୍କ ସହ ଆଲୋଚନା କରିଥିଲେ।



## ଇସ୍କନର ଅଦିନିଆ ରଥଯାତ୍ରାକୁ ରାଉରକେଲା ଜାଗରଣ ମଞ୍ଚର ବିରୋଧ

**ରାଉରକେଲା, ୧୭।୫(ସମିସ):** ଇସ୍କନ ଦ୍ୱାରା ଅଦିନିଆ ରଥଯାତ୍ରା ଆୟୋଜନକୁ ରାଉରକେଲା ଜାଗରଣ ମଞ୍ଚ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଉରକେଲା ଜାଗରଣ ମଞ୍ଚର ସଭାପତି ସମାଜସେବୀ ଅମିତାଭ ସାମଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଇସ୍କନ ଶାଖାଗୁଡ଼ିକ ପକ୍ଷରୁ ସାରା ବିଶ୍ୱରେ ଅଦିନିଆ ରଥଯାତ୍ରା ଆୟୋଜନ କରୁଛନ୍ତି, ଯାହାକି ଜଗନ୍ନାଥ ସଂସ୍କୃତି ପରମ୍ପରା ପ୍ରତି ଅସମ୍ମାନ। ଏହା କରି ହିନ୍ଦୁ ଧର୍ମାବଲମ୍ବୀ ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ପ୍ରତି ଇସ୍କନ କୁଠାରାଘାତ କରିଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଯେପରି ପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା, ରଥଯାତ୍ରା କରୁଛନ୍ତି, ସେହି ରୀତିନୀତି ପରମ୍ପରା ଅନୁସାରେ ଇସ୍କନ ମଧ୍ୟ ରଥଯାତ୍ରା କରିବା ଉଚିତ। ମହାପ୍ରଭୁଙ୍କ ରଥଯାତ୍ରା ଜଗନ୍ନାଥ ସଂସ୍କୃତି ପରମ୍ପରା ରୀତିନୀତି ଅନୁଯାୟୀ ନିର୍ଦ୍ଧାରିତ ତାରିଖରେ ରଥଯାତ୍ରା ଆୟୋଜନ କରିବା ପାଇଁ ଇସ୍କନକୁ ନିର୍ଦ୍ଦେଶ ଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ଏପରିକି ବିଶ୍ୱବ୍ୟାପୀ ଗୋଟିଏ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବା ଉଚିତ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଇସ୍କନ ଦ୍ୱାରା ଆୟୋଜିତ ଅଦିନିଆ ରଥଯାତ୍ରାକୁ ଗମ୍ଭୀରତାର ସହ ନିଆଯାଇ ଇସ୍କନ୍‌କୁ ସଠିକ୍ ତାରିଖଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯିବା ଉଚିତ ବୋଲି ସାମାଜିକ କର୍ମୀ ଶ୍ରୀ ସାମଲ ଚିଠିରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଶ୍ରୀ ସାମଲ ଏହି ଚିଠିର ନକଲ ଓଡ଼ିଶା ସରକାରଙ୍କ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ପୁରୀର ଗଜପତି ମହାରାଜ ଦିବ୍ୟସିଂହ ଦେବ, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀଙ୍କୁ ପ୍ରଦାନ କରି ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଡିଜିଟାଲାଇଜେସନ୍ ବିଭାଗ ସ୍ଥାପିତ

**ରାଉରକେଲା, ୧୭।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ପ୍ଲାଣ୍ଟସ୍ତରରେ 'ପ୍ରବର୍ତ୍ତନମ୍' କାର୍ଯ୍ୟକ୍ରମକୁ ସ୍ଥାନୀୟ ଭାବେ ଲାଗୁ କରିବା ଏବଂ ଏହାର ନେତୃତ୍ୱ ନେବା ପାଇଁ ଏକ ସମର୍ପିତ ଡିଜିଟାଲାଇଜେସନ୍ ବିଭାଗ ପ୍ରତିଷ୍ଠା କରିଛି। ଉଲ୍ଲେଖଯୋଗ୍ୟ ଯେ, 'ପ୍ରବର୍ତ୍ତନମ୍' ହେଉଛି ସେଲ୍‌ଫର ଏକ କମ୍ପାନୀବ୍ୟାପୀ ଡିଜିଟାଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ, ଯାହା ରଣନୀତିକ ପରାମର୍ଶଦାତା ଏବଂ ପ୍ରଯୁକ୍ତିବିଦ୍ୟା ଭାଗିଦାରୀମାନଙ୍କ ସହାୟତାରେ ପ୍ଲାଣ୍ଟ, ଖଣି ଏବଂ ଏଣ୍ଟରପ୍ରାଇଜ୍ କାର୍ଯ୍ୟଗୁଡ଼ିକରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କ୍ଲାଉଡ୍, ଡିଜିଟାଲ୍ ଟ୍ୱିନ୍ସ ଏବଂ ଇଣ୍ଡଷ୍ଟ୍ରି ୪.୦ ନିୟୋଜିତ କରିବା ସହ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟକାରୀ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ସେଲ୍‌ଫକୁ ଡାଟା-ଚାଳିତ ଏବଂ ଶକ୍ତି-କୁଶଳୀ କରିବା ଏବଂ ଏଆଇ/ଆନାଲିଟିକ୍ସ ଓ ପ୍ରକ୍ରିୟା ଅପ୍ଟିମାଇଜେସନ୍ ମାଧ୍ୟମରେ ବହୁ ପରିମାଣର ପୁନରାବୃତ୍ତି ମୂଲ୍ୟ ହାସଲ କରିବା। ଏକ ସ୍ମାର୍ଟ, ଅଧିକ ସୁରକ୍ଷିତ ଏବଂ ସୁଦୃଢ଼ ପ୍ଲାଣ୍ଟର ଭିତ୍ତିଭୂମି ନିର୍ମାଣ କରି ଉତ୍ପାଦନ କାର୍ଯ୍ୟକୁ ଏକ ନୂତନ ରୂପ ଦେବାରେ ଆର୍‌ଏସ୍‌ପିର ଡିଜିଟାଲାଇଜେସନ୍ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବରେ ଉଭା ହୋଇଛି। ଏହି ବିଭାଗର ମୁଖ୍ୟ ଦାୟିତ୍ୱ ହେଉଛି ଉନ୍ନତ ସମାଧାନଗୁଡ଼ିକର ରୂପାୟନ କରିବା, ଯାହା ସିଧାସଳଖ ଶପ୍-ଫ୍ଲୋର୍ କାର୍ଯ୍ୟଦକ୍ଷତା, ସୁରକ୍ଷା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସୁଧାର ଆଣିବ। ଆର୍‌ଏସ୍‌ପିରେ କରାଯାଇଥିବା ପ୍ରମୁଖ ନିୟୋଜନଗୁଡ଼ିକ ମଧ୍ୟରେ ଭିଡିଓ ଆନାଲିଟିକ୍ସ ବ୍ୟବହାର କରି ଏସ୍‌ଏମ୍‌ଏସ୍-୨ରେ ରିଅଲ୍-ଟାଇମ୍ ସ୍ଲାଗ୍ ଚିହ୍ନଟ, ଏସ୍‌ପି-୩ରେ ମୋବାଇଲ୍-ଆଧାରିତ ପ୍ରକ୍ରିୟା ମନିଟରିଂ, କୋକ୍ ଓଭନରେ ରାଡାର୍-ଆଧାରିତ କୋଇଲା ୟାର୍ଡ ପରିଚାଳନା ଏବଂ ଏଚ୍‌ଏସ୍‌ଏମ୍-୨ରେ ସମନ୍ୱିତ ଡିଜିଟାଲ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏହି ସମାଧାନଗୁଡ଼ିକ ଅପରେଟର ଏବଂ ସୁପରଭାଇଜରମାନଙ୍କୁ ସଠିକ୍ ସମୟରେ ଉପଯୋଗୀ ତଥ୍ୟ ପ୍ରଦାନ କରିଥାଏ, ଯାହା ପ୍ରକ୍ରିୟାର ପରିବର୍ତ୍ତନଶୀଳତାକୁ ହ୍ରାସ କରେ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରେ। କର୍ମଚାରୀଙ୍କ ବିକାଶ ଏବଂ ସୁରକ୍ଷା କ୍ଷେତ୍ରରେ, ଅଗମେଣ୍ଟେଡ୍ ଏବଂ ଭର୍ଚୁଆଲ୍ ରିଆଲିଟି(ଏଆର/ଭିଆର) ଆଧାରିତ କ୍ରେନ୍ ତାଲିମ ମଡ୍ୟୁଲ୍ ପ୍ରବର୍ତ୍ତନ କରାଯାଇଛି, ଯାହା ବିପଦମୁକ୍ତ ପରିବେଶରେ ବାସ୍ତବଧର୍ମୀ ଦକ୍ଷତା ବିକାଶ ପ୍ରଦାନ କରେ। ଏହାଦ୍ୱାରା କର୍ମଚାରୀମାନେ ଶୀଘ୍ର ଦକ୍ଷତା ହାସଲ କରିପାରୁଛନ୍ତି ଏବଂ ବିପଜ୍ଜନକ ପରିସ୍ଥିତିରେ ତାଲିମ ନେବାର ଆବଶ୍ୟକତା ହ୍ରାସ ପାଇଛି। କାର୍ଯ୍ୟକ୍ଷମ ଚଞ୍ଚଳତା ଏବଂ ସୂଚନା ପ୍ରବାହକୁ ସୁଦୃଢ଼ କରିବା ପାଇଁ ଏହି ବିଭାଗ ତତ୍କାଳ ରିପୋର୍ଟ ପ୍ରେରଣ ନିମନ୍ତେ ଏସଏପିକୁ ହ୍ୱାଟ୍ସଅପ୍ ସହିତ ସଂଯୋଗ କରିଛି ଏବଂ ନ୍ୟୁ ପେଲେଟ୍ ମିଲ୍ ଓ ଅକ୍ସିଜେନ୍ ପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ୟୁନିଟ୍‌ଗୁଡ଼ିକରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର୍ ଏବଂ ଷ୍ଟାଣ୍ଡାର୍ଡ ମେଣ୍ଟେନାନ୍ସ ପ୍ରାକ୍ଟିସେସ୍‌କୁ ଡିଜିଟାଲାଇଜ୍ କରିଛି, ଯାହାଦ୍ୱାରା ପ୍ରକ୍ରିୟାଗୁଡ଼ିକର ମାନକୀକରଣ ହୋଇଛି ଏବଂ କର୍ମଚାରୀଙ୍କ କାର୍ଯ୍ୟ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ରିଅଲ୍-ଟାଇମ୍ ଇନଭେଣ୍ଟ୍ରି ଡ୍ୟାସବୋର୍ଡ ଏବଂ ଜେମ୍ ପ୍ଲାଟଫର୍ମ ବ୍ୟବହାର କରି ରୋବୋଟିକ୍ ପ୍ରୋସେସ୍ ଅଟୋମେସନ୍ ଚାଳିତ କ୍ରୟ ପ୍ରକ୍ରିୟା ମାଧ୍ୟମରେ ସାମଗ୍ରୀ ପରିଚାଳନାକୁ ଅପ୍ଟିମାଇଜ୍ କରାଯାଇଛି, ଯାହା ମିଳିତ ଭାବେ କ୍ରୟ ଚକ୍ରରେ ଗତି, ସଠିକତା ଏବଂ ସ୍ୱଚ୍ଛତା ବୃଦ୍ଧି କରିଥାଏ। ଏକ ଜିପିଏସ୍ -ଆଧାରିତ ବ୍ୟବସାୟିକ ଯାନ ଟ୍ରାକିଂ ସିଷ୍ଟମ୍ ମାଧ୍ୟମରେ ସୁରକ୍ଷା ଏବଂ ଲଜିଷ୍ଟିକ୍ସରେ ସୁଧାର ଅଣାଯାଇଛି, ଯାହା ପ୍ଲାଣ୍ଟ ମଧ୍ୟକୁ ପ୍ରବେଶ କରୁଥିବା ଯାନଗୁଡ଼ିକର ରିଅଲ୍-ଟାଇମ୍ ମନିଟରିଂ କରିବା ସହ ଗେଟ୍ ପରିଚାଳନାକୁ ସହଜ କରିଥାଏ ଏବଂ ଯାନବାହନର ଆବର୍ତ୍ତନ ସମୟକୁ ହ୍ରାସ କରିଥାଏ। ସାମଗ୍ରିକ ଭାବେ ଏହି ଡିଜିଟାଲ୍ ପଦକ୍ଷେପଗୁଡ଼ିକ ଡିଜିଟାଲାଇଜେସନ୍ ବିଭାଗକୁ ଆର୍‌ଏସ୍‌ପି ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବରେ ପ୍ରତିଷ୍ଠା କରିଛି। ଯାହା କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରୁଛି, ସୁରକ୍ଷା ପରିଣାମକୁ ସୁଦୃଢ଼ କରୁଛି ଏବଂ ସମସ୍ତ ବିଭାଗରେ ଡାଟା-ଚାଳିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସହଜ କରୁଛି। ଏହି ପ୍ରଚେଷ୍ଟାଗୁଡ଼ିକ ବ୍ୟୟ ପ୍ରତିଯୋଗିତାକୁ ବୃଦ୍ଧି କରିବ, ସ୍ଥିରତା ମେଟ୍ରିକ୍ସରେ ସୁଧାର ଆଣିବ ଏବଂ ଭାରତର ଇସ୍ପାତ କ୍ଷେତ୍ରରେ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଆର୍‌ଏସ୍‌ପିର ନେତୃତ୍ୱ ଭୂମିକାକୁ ସୁରକ୍ଷିତ କରିବ ବୋଲି ଆଶା କରାଯାଉଛି।




## ଜାତୀୟ ଯୋଗାସନ ଚାମ୍ପିଅନସିପ୍

## ଓମ୍ ଯୋଗ ସେଣ୍ଟରର ୬ ଜଣଙ୍କୁ ପଦକ



**ରାଉରକେଲା, ୧୭।୫ (ସମିସ):** ଜିଲ୍ଲା ଯୋଗାସନ ସ୍ପୋର୍ଟସ୍ ଆସୋସିଏସନ ସୁନ୍ଦରଗଡ଼ ପକ୍ଷରୁ ଦାଣ୍ଡିଆପାଲି ଜେପି ହସ୍ପିଟାଲ ପରିସରରେ ଆୟୋଜିତ ଦ୍ୱିତୀୟ ଜାତୀୟ ଯୋଗାସନ ଚାମ୍ପିଅନସିପ୍‌ରେ ଓମ୍ ଯୋଗା ସେଣ୍ଟର ରାଉରକେଲାର ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ବିଜେତା ଓ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରିବା ନେଇ ରବିବାର ରେଲୱେ କଲୋନୀ ସେଣ୍ଟରରେ ଏକ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସର ଚେୟାରମ୍ୟାନ ବ୍ରିଜମୋହନ ଅଗ୍ରୱାଲ ଯୋଗଦେଇ ସୁସ୍ଥ ରହିବା ପାଇଁ ସମସ୍ତଙ୍କୁ ଯୋଗର ଅଭ୍ୟାସ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀର ଜିଲ୍ଲା ଅଧ୍ୟକ୍ଷା ମେଘା ଅଗ୍ରୱାଲ ଓ ତାଙ୍କ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନେ ସମସ୍ତ ବୟସର ସାଧକମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜୟୀ ହେବାକୁ ପ୍ରଶଂସା କରିଥିଲେ। ସେମାନେ କହିଥିଲେ, ଏଥିରୁ ଯୋଗ ଅଭ୍ୟାସ ପାଇଁ ପ୍ରେରଣା ନେବା ଉଚିତ। ଯୋଗାସନ ସ୍ପୋର୍ଟସ୍ ଆସୋସିଏସନର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମଧ୍ୟ ପ୍ରତିଭାଗୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଜେତା ଚାରୀ ନାୟକ, ଜେ. ଶାନ୍ତି, ଚନ୍ଦ୍ରଶେଖର ମହାରଣା, ଉପେନ୍ଦ୍ର ରାଉତ, ଦମୟନ୍ତୀ ରାଉତ ଓ ଦ୍ରୌପଦୀ ରାଉତଙ୍କୁ ପଦକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଚ୍ ନବ କିଶୋର ଧବଳ, ମନୋଜ ଗୁପ୍ତା, କମଳ କାବରା, ଏମ୍‌କେ ମହତୋ, ଲାଲ ସାଗର ଚୌହାନ, ଲକ୍ଷ୍ମୀ ସାହ, ସବିତା ଧବଳ ସହ ଅନ୍ୟାନ୍ୟ ସାଧକମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ସମ୍ପ୍ରସାରଣ

## ୫୪ ବିସ୍ଥାପିତଙ୍କୁ ୨.୨୨ କୋଟି ଟଙ୍କା ପ୍ରଦାନ



**ରାଉରକେଲା, ୧୭।୫(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସପି) ର ଗ୍ରୀନଫିଲ୍ଡ ସମ୍ପ୍ରସାରଣକୁ ସୁଗମ କରିବା ପାଇଁ ଆର୍‌ଏସ୍‌ପି ଜମିରୁ ସ୍ଥାନାନ୍ତରିତ ହୋଇଥିବା ପରିବାରଙ୍କୁ ଅସ୍ଥାୟୀ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଗତ ଆଠ ଦିନ ମଧ୍ୟରେ ଟାଙ୍ଗରପାଲ୍ଲୀ ଅନ୍ତର୍ଗତ କାଟେ ବସ୍ତି, ଗିର୍ଜା ଟୋଲି ଏବଂ ବିଜୁବନ୍ଧ ଅଞ୍ଚଳର ୫୪ଟି ପରିବାରକୁ ଆର୍‌ଏସ୍‌ପି ପକ୍ଷରୁ ୨ କୋଟି ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ମଇ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଆର୍‌ଏସ୍‌ପି ଅଧିକାରୀ, ରାଜସ୍ୱ ବିଭାଗ, ପୁଲିସ ପ୍ରଶାସନ ଏବଂ ହିତାଧିକାରୀଙ୍କ ଉପସ୍ଥିତିରେ ଚେକ୍ ବଣ୍ଟନ କରାଯାଉଛି। ଏହି ପଦକ୍ଷେପ ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ପରିବାରଗୁଡ଼ିକୁ ଉପଯୁକ୍ତ ପୁନର୍ବାସ ସହାୟତା ଏବଂ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଦିଗରେ ଆର୍‌ଏସ୍‌ପିର ଗମ୍ଭୀରତାକୁ ପ୍ରତିଫଳିତ କରୁଛି। ଅନୁମୋଦିତ କ୍ଷତିପୂରଣ ବ୍ୟବସ୍ଥା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ ପରିବାର ୫, ୧୬, ୬୨୦ ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି। ଗୋଟିଏ କୁଡ଼ିଆ ଘରେ ରହୁଥିବା ପରିବାର ସଂଖ୍ୟା ସରକାରଙ୍କ ନିର୍ଦ୍ଧାରିତ ନିୟମ ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ସ୍ଥିର କରାଯାଇଛି। ପ୍ରତ୍ୟେକ କୁଡ଼ିଆ ଘର ବଦଳରେ ଏକ ୬୫୦ ବର୍ଗ ଫୁଟର ବିକଶିତ ଏବଂ ପ୍ଲଟ୍ କରାଯାଇଥିବା ଜମି ପ୍ରଦାନ କରାଯିବ। ଏହି ପ୍ଲଟ୍ ଜମିରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହା ବ୍ୟତୀତ, ପ୍ରତ୍ୟେକ ପ୍ରଭାବିତ କୁଡ଼ିଆ ଘରର ଜଣେ ସଦସ୍ୟଙ୍କୁ କାରଖାନାର ଆଉଟସୋର୍ସିଂ ଚାକିରିରେ ବିଶେଷ ନିଯୁକ୍ତି ପାଇଁ ବିଚାର କରାଯିବ। ଆର୍‌ଏସ୍‌ପି ଏଭଳି ବ୍ୟକ୍ତିମାନଙ୍କର ନିରନ୍ତର ନିଯୁକ୍ତିକୁ ସୁଗମ କରିବ। ନିର୍ଭରଶୀଳ ପରିବାର ସଦସ୍ୟମାନେ ଇଏସ୍‌ଆଇ ଚିକିତ୍ସା ସୁବିଧା ଅନ୍ତର୍ଭୁକ୍ତ ହେବେ। ଅଧିକନ୍ତୁ, ଏହି ପରିବାରଗୁଡ଼ିକୁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସହିତ ସର୍ବାଧିକ ୬ ମାସ ଅବଧି ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଯୋଗାଇ ଦିଆଯାଉଛି। ଯଦ୍ୱାରା ସେମାନେ ନିଜର ବର୍ତ୍ତମାନର କୁଡ଼ିଆ ଘରୁ ସ୍ଥାନାନ୍ତରିତ ହେବା ପରେ ତୁରନ୍ତ ସେଠାରେ ରହିପାରିବେ।

## ଘରୋଇକରଣ ଆଶଙ୍କାରେ ଶ୍ରମିକ ସଂଘର ବିଷୋଦ୍‌ଗାର୍

# 'ଆର୍‌ଏସ୍‌ପି ସମ୍ପ୍ରସାରଣକୁ ସ୍ୱାଗତ, ଘରୋଇକରଣକୁ ନୁହେଁ'

ରାଉରକେଲା, ୧୭।୫(ସମିସ)

ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣକୁ ରାଉରକେଲା ଶ୍ରମିକ ସଂଘ ସମର୍ଥନ କରୁଛି। ଆର୍‌ଏସ୍‌ପି ବିକଶିତ ହେଲେ ରାଉରକେଲା ସହରର ବିକାଶ ହେବ। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହରବାସୀ ଉପକୃତ ହେବେ। ହେଲେ ଆର୍‌ଏସ୍‌ପି ଏବଂ ଆର୍‌ଏସ୍‌ପି ଅଧିନସ୍ଥ ବିଭିନ୍ନ ବିଭାଗକୁ ଘରୋଇକରଣ କରି ଆଦାନୀ ହାତରେ ଟେକି ଦେବାକୁ ଯେଉଁ ଆଶଙ୍କା ଉପୁଜିଛି ତାକୁ ସଂଘ ଘୋର ପ୍ରତିବାଦ କରୁଛି ବୋଲି ଆର୍‌ଏସ୍‌ପିର ସ୍ୱିକୃତିପ୍ରାପ୍ତ ଶ୍ରମିକ ୟୁନିୟନ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା କହିଛନ୍ତି। ଆଜି ସଂଘ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ଶ୍ରୀ ବେହେରା କହିଛନ୍ତି, ଆର୍‌ଏସ୍‌ପି କାରଖାନାର ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନରୁ ୯.୮ ମିଲିୟନ ଟନକୁ ବୃଦ୍ଧି କରିବା ଲକ୍ଷ୍ୟରେ ସମ୍ପ୍ରସାରଣ ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ଜମି ଚିହ୍ନଟ, ବସ୍ତି ଉଚ୍ଛେଦ ଏବଂ ବସ୍ତିବାସୀଙ୍କ ଥଇଥାନ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ରାଉରକେଲା ଶ୍ରମିକ ସଂଘ ପ୍ରଥମରୁ ଏହି ସମ୍ପ୍ରସାରଣକୁ ସମର୍ଥନ କରିଆସୁଛି। କାରଣ ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପାଇଁ ଇସ୍ପାତ କାରଖାନାର ଆଧୁନିକୀକରଣ ଅତ୍ୟନ୍ତ ଜରୁରୀ। କିନ୍ତୁ ଦିନକୁ ଦିନ ଆରଏସପିର ଉତ୍ପାଦନ ବୃଦ୍ଧି ହୋଇ ଲାଭ ହେଉଥିବା ବେଳେ କର୍ମଚାରୀ ସଂଖ୍ୟା ଲଗାତାର ହ୍ରାସ ପାଉଥିବାରୁ କର୍ମଚାରୀମାନେ ଅସହ୍ୟ କାର୍ଯ୍ୟ ଚାପ ମଧ୍ୟରେ କାମ କରିବାକୁ ବାଧ ହେଉଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ସେଲ ୪ ହଜାର କୋଟି ଟଙ୍କାରୁ ଅଧିକ ଲାଭ ଅର୍ଜନ କରିବାକୁ ଯାଉଥିବା ସତ୍ତ୍ୱେ କର୍ମଚାରୀମାନଙ୍କୁ ୩୯ ମାସର ଏରିୟର ପ୍ରଦାନ କରାଯାଇନାହିଁ। ସେପରି ୯ ବର୍ଷ ୬ ମାସ ବିତିଯାଇଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ମଜୁରୀ ଚୁକ୍ତି ସ୍ୱାକ୍ଷର ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଗତ ଦୁଇ ଦଶକ ଧରି ଇସ୍ପାତ କର୍ମଚାରୀଙ୍କ ଇନସେନଟିଭ ଓ ରିୱାର୍ଡ ସ୍କିମରେ ପରିବର୍ତ୍ତନ ହୋଇନାହିଁ। ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ସ୍ଥାନୀୟ ଇସ୍ପାତ କର୍ତ୍ତୃପକ୍ଷଙ୍କ ସହ ବହୁବାର ଆଲୋଚନା କରି ଚୂଡାନ୍ତ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ତାହା ମଞ୍ଜୁରୀ ନାଁରେ କର୍ପୋରେଟ ଅଫିସରେ ଦୀର୍ଘଦିନ ଧରି ପଡ଼ିରହିଛି। ଏଭଳି ଅନେକ ସମସ୍ୟା ମଧ୍ୟରେ ଇସ୍ପାତ କର୍ମଚାରୀମାନେ ଗତି କରୁଥିବା ବେଳେ ସ୍ଥାୟୀ କର୍ମଚାରୀମାନେ କାମ କରୁନଥିବାର ଆରୋପ ଲଗେଇ ଅପମାନିତ କରିବା, ଅନାବଶ୍ୟକ ଭାବେ ଗେଟ୍‌ରେ ବାୟୋମେଟ୍ରିକ ମେସିନ ଲଗେଇବା, ବିଭିନ୍ନ କାରଣରୁ ଅନୁପସ୍ଥିତ ରହୁଥିବାର ଆଳ ଦେଖାଇ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ପାଇଁ ଚକ୍ରାନ୍ତ କରିବା କର୍ମଚାରୀଙ୍କ ଅସନ୍ତୋଷର ମୁଖ୍ୟ କାରଣ ହୋଇଛି। ଟାଉନ ଇଂଜିନିୟରିଂ(ଇଲେକ୍ଟ୍ରିକାଲ, ସିଭିଲ, ଜଳ ଯୋଗାଣ), ସହର ସେବା, ଉଦ୍ୟାନ ବିଭାଗ, ଆଇଜିଏଚ୍‌କୁ ଘରୋଇକରଣ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ହସ୍ତଗତ ହୋଇଛି। ପ୍ଲାଣ୍ଟ ସମ୍ପ୍ରସାରଣ ହେଲେ ସ୍ଥାନୀୟ ଅଧିବାସୀ ଓ ଯୁବପିଢ଼ୀ ପାଇଁ ନୂତନ ଚାକିରିର ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେ ଘରୋଇକରଣ ଆଳରେ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ଛଟେଇର ପରିବେଶ ସୃଷ୍ଟି ହେଉଛି। ଯାହା ରାଉରକେଲା ଇସ୍ପାତ କାରଖାନାକୁ ଘରୋଇ ସଂସ୍ଥା ହାତକୁ ଟେକିଦେବା ପାଇଁ ଏକ ପ୍ରକାର କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ସ୍ପଷ୍ଟ କରୁଛି। ଏବେ ଯଦି ନ ଚେତିବା ତେବେ ନେଡି ଗୁଡ଼ କହୁଣୀକୁ ବୋହି ଯିବ ବୋଲି ସାଧାରଣ ସମ୍ପାଦକ କହିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଣେଇଁର ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଆର୍‌ଏସ୍‌ଏସ୍‌ର ବରିଷ୍ଠ ସଦସ୍ୟ ଅକ୍ଷୟ ଜେନା, ଦିଲୀପ ମହାପାତ୍ର, ନିହାର ଦାସ, ଚକ୍ରଧର ପ୍ରଧାନ, ରମେଶ ଦତ୍ତ, ବୀରକିଶୋର ଶେଖରଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



